## ସଂକ୍ଷେପରେ

### ଖଲ୍ଲିକୋଟରେ ଭାଜପା ଏମ୍‌ପି ପ୍ରାର୍ଥୀନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୩୦।୩(ପ୍ରଶାନ୍ତ କୁମାର ମିଶ୍ର): ଆସିକା ଲୋକସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଘୋଷଣା ହୋଇଥିବା ଏମ୍‌ପି ପ୍ରାର୍ଥୀନୀ ଅନିତା ସୁଭଦର୍ଶିନୀ ଭୁବନେଶ୍ୱରରୁ ଆସି ଖଲ୍ଲିକୋଟ ମର୍ଦ୍ଦରାଜ ଶିଶୁ ଉଦ୍ୟାନ ନିକଟରେ ଶନିବାର ପହଞ୍ଚିବା ପରେ ଖଲ୍ଲିକୋଟ ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରୁ ତାଙ୍କୁ ଏକ ବିଶାଳ ରାଲିରେ ବସଷ୍ଟାଣ୍ଡ ଦେଇ ଜଗନ୍ନାଥ ମନ୍ଦିର ଯାଏ ପାଛୋଟି ନେଇଥିଲେ। ଏହି ନିର୍ବାଚନୀ ରାଲିରେ ଘୁମୁସର ଜିଲା ଭାଜପା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଆସିକା ସଂସଦୀୟ କ୍ଷେତ୍ର ସଂଯୋଜକ ଯଜ୍ଞ ନାରାୟଣ ଦାଶ, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗନ୍ନାଥ ଭୂୟାଁ, ବଧିନୁଆଁପଲ୍ଲୀ ସରପଞ୍ଚ ପ୍ରତିନିଧି ସଞ୍ଜୟ କୁମାର ଜେନା, ମଣ୍ଡଳ ସଭାପତି ପଙ୍କଜ ମାଝୀ, ମିଟୁ ସ୍ୱାଇଁ, ନଗର ଯୁବ ସଭାପତି ସୌମ୍ୟକାନ୍ତ ପଣ୍ଡା, ପ୍ରହ୍ଲାଦ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ଏମ୍‌ପି ପ୍ରାର୍ଥୀ ଏଠାରୁ ତାରାତାରିଣୀ ମନ୍ଦିର ଅଭିମୁଖେ ଯାଇଥିଲେ।

### ପୋଲିସର ଫ୍ଲାଗ୍ ମାର୍ଚ୍ଚ

ବେଲଗୁଣ୍ଠା,୩୦।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ନିର୍ବାଚନ କମିଶନର୍ ଆଗାମୀ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିବା ବେଳେ ବେଲଗୁଣ୍ଠା ପୋଲିସ୍ ପକ୍ଷରୁ ବେଲଗୁଣ୍ଠା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଶନିବାର ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ୍ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବେଲଗୁଣ୍ଠା ଥାନାଧିକାରୀ ବନ ବିହାରୀ ପ୍ରଧାନ, ଜଗନ୍ନାଥପ୍ରସାଦ ଥାନାଧିକାରୀ, ବାଲିପଦର ଫାଣ୍ଡି ଅଧିକାରୀ ସମୀର ବେହେରା, ବେଲଗୁଣ୍ଠା ଥାନା ଏସ୍‌ଆଇ ଅଭୟ ପ୍ରଧାନ, ନାରାୟଣ ନାୟକ, ମହେଶ୍ୱର ବେହେରା, ଏଏସ୍‌ଆଇ ଜ୍ୟୋସ୍ନା ପ୍ରଧାନ, ଅନୁ ମଲ୍ଲିକଙ୍କ ସମେତ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଏବଂ ସମସ୍ତ ପୋଲିସ କର୍ମଚାରୀ ବେଲଗୁଣ୍ଠା ସହର ସମେତ ଏହି ଥାନା ଅନ୍ତର୍ଗତ ମଙ୍ଗଳପୁର, ଟିକରପଡ଼ା, ବରଗାଁ, ଅଢେଇ ଗାଆଁରେ ଫ୍ଲାଗ ମାର୍ଚ୍ଚ କରିଥିଲେ।

### ନବଜାତ କନ୍ୟା ସନ୍ତାନ ଉଦ୍ଧାର

ପାତ୍ରପୁର,୩୦।୩ (ଉମା ଚରଣ ନେପାକ): ପାତ୍ରପୁର ବ୍ଲକ ବ୍ରାହ୍ମଣ ନୂଆଗାଁ ଗ୍ରାମର ଇଟା ଭାଟି ପାର୍ଶ୍ୱ ଲଟା ମୂଳରୁ ଶନିବାର ଏକ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି। ସକାଳେ ଶିଶୁର କାନ୍ଦ ଶୁଣି ନିକଟରେ ଇଟା ଭାଟି କରିଥିବା ବ୍ୟକ୍ତି ୧୦୮କୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ସହ ପାତ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଶିଶୁଟିକୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ନିରୀହ ଆଦିବାସୀଙ୍କୁ ଲୁଟୁଛି ଆଉଟସୋର୍ସିଂ ସଂସ୍ଥା

ଫୁଲବାଣୀ,୩୦।୩(ରାକେଶ କୁମାର ରାଉତ) ରାଜ୍ୟ ସରକାର ଏବେ ଆଉଟସୋର୍ସିଂ ଜରିଆରେ ଠିକା ନିଯୁକ୍ତି ଦେଉଛନ୍ତି। କିନ୍ତୁ ଏହି ସଂସ୍ଥାମାନେ ଠିକା ନିଯୁକ୍ତି ନୁହେଁ, ତୁମେମାନେ ସରକାରୀ ଚାକରୀ କରିବ କହି ନୀରିହ ଆଦିବାସୀ ଯୁବତୀ ଯୁବକମାନଙ୍କୁ ଠକିବାରେ ଲାଗିଛନ୍ତି। ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଁ ଠିକା ନେଇଥିବା ଆଉଟସୋର୍ସିଂ ସଂସ୍ଥା ଜଣେ ଜଣେ ଯୁବତୀ ଏବଂ ଯୁବକଙ୍କ ପାଖରୁ ୭୦ ହଜାରରୁ ୧ ଲକ୍ଷ ଟଙ୍କା ଯାଏ ବେଆଇନ ଭାବେ ଦେବାକୁ ବାଧ୍ୟ କରୁଛନ୍ତି। ଏ ନେଇ ଅସନ୍ତୋଷ ସୃଷ୍ଟି ହେବା ପରେ ଶନିବାର ଜିଲା ମିଳିତ ମଞ୍ଚ ସଦସ୍ୟ ଓ କିଛି ଯୁବତୀ ଯୁବକ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ଉକ୍ତ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ତାହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳ କରାଯିବ ବୋଲି ମିଳିତ ମଞ୍ଚର ସଭାପତି



ଜିଲାପାଳଙ୍କ ଅଫିସ ସମ୍ମୁଖରେ ମଞ୍ଚ କର୍ମକର୍ତ୍ତା।

ସମିର ଘୋଟାଲ, ସମ୍ପାଦକ ସତ୍ୟନାରାୟଣ ବେହେରା ଓ ଉପଦେଷ୍ଟା ଆଦିବାସୀ ନେତା ଲମ୍ୱୋଦର କହଁର କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବିଜ୍ଞପ୍ତି ନଂ. ୬୩୦ ତା- ୦୭.୦୨.୨୦୨୪ରେ ଗ୍ରୁପ-ଡି ଚାକିରୀରେ ନିଯୁକ୍ତି ପାଇଁ ଆଉଟସୋର୍ସିଂ ଏଜେନ୍ସିମାନଙ୍କ ପାଖରୁ ଟେଣ୍ଡର କରାଯାଇଥିଲା। ଟେଣ୍ଡର ଦାଖଲ କରିଥିବା

**ଚାକିରି ନାଁରେ ଠକେଇ**

ଏଜେନ୍ସିମାନଙ୍କ ମଧ୍ୟରୁ ପ୍ରତ୍ୟୁଷ ଏଜେନ୍ସିକୁ ଏହି ଟେଣ୍ଡର ମିଳିଛି। ବର୍ତ୍ତମାନ ଏହି ଏଜେନ୍ସିର ଏଜେଣ୍ଟ/ମ୍ୟାନେଜର ନୟାଗଡ ଓଡଗାଁ ଜଗନ୍ନାଥ ପ୍ରସାଦର ଲିଙ୍ଗରାଜ ସାହୁ କନ୍ଧମାଳ ଜିଲା ସାରା ବୁଲି ସ୍ଥାୟୀ ଚାକିରୀ ଦେବା କଥା କହି, ନିରୀହ ଅଭାବି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଗୋଟିଏ ପୋଷ୍ଟ ପିଛା ୭୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି ବୋଲି ଜିଲା ମିଳିତ ମଞ୍ଚ ଅଭିଯୋଗ କରିଛି। ଏ ନେଇ ପ୍ରତ୍ୟୁଷ ଏଜେନ୍ସିର ଲିଙ୍ଗରାଜ ସାହୁଙ୍କୁ ୯୪୩୯୬୮୩୫୨୦ରେ କ୍ରମାଗତ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନାହାନ୍ତି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ଘର କାନ୍ଥ ବିବାଦରୁ ମହିଳାଙ୍କୁ ପିଟି ମାରିଥିଲେ**

ବ୍ରହ୍ମପୁର, ୩୦।୩(ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ମହୁଡା ଗ୍ରାମରେ ଘର କାନ୍ଥ ବିବାଦକୁ ନେଇ ଘଟିଥିବା ହତ୍ୟା ମାମଲାର ଶନିବାର ଶୁଣାଣି ହୋଇଛି। ଏଡିଜେ-୩ ରାଜ କୁମାର ଦାସ ମାମଲାର ଶୁଣାଣି କରି ଅଭିଯୁକ୍ତ ରବି ନାରାୟଣ ନାହାକ ଓରଫ ରବୀନ୍ଦ୍ର (୨୮)ଙ୍କୁ ଆଜୀବନ କାରାଦଣ୍ଡ ସହିତ ୭୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୨ ବର୍ଷ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମହୁଡାରେ ରହୁଥିବା ବିଜୟାଲକ୍ଷ୍ମୀ ମହାନ୍ତିଙ୍କୁ ତାଙ୍କ ସ୍ୱାମୀ ଛାଡି ଚାଲି ଯାଇଥିଲେ। ମହିଳା ଜଣଙ୍କ ସେଠାରେ ଏକୁଟିଆ ରହୁଥିବା ବେଳେ ଘର କାନ୍ଥକୁ ନେଇ ପଡ଼ୋଶୀ ରବୀନ୍ଦ୍ରଙ୍କ ସହ ଝଗଡ଼ା ଲାଗିଥିଲା। ୨୦୨୧ ନଭେମ୍ବର ୨୧ରେ ବିଜୟାଲକ୍ଷ୍ମୀ ଘର ଦାଣ୍ଡରେ ବସିଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରବୀନ୍ଦ୍ର ଏକ ଲୁହା ପାଇପରେ ମହିଳାଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ଭଉଣୀ ଛବିରାଣୀ ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ମୃତଦେହ ଜବତ ପରେ ନଂ. ୩୦୭/୨୧ରେ ଏକ ମାମଲା ରୁଜୁ କରି ରବୀନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ପାଇପକୁ ଏକ ପୋଖରୀରୁ ଜବତ କରିଥିଲା। ତତ୍କାଳୀନ ଥାନାଧିକାରୀ ବସନ୍ତ କୁମାର ସେଠୀ ଓ ଦୀପ୍ତିରଞ୍ଜନ ବେହେରା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ଶୁଣାଣି ବେଳେ ୨୯ ସାକ୍ଷୀଙ୍କ ବୟାନ ରେକର୍ଡ କାରାଯାଇଥିଲା। ଗିରଫ ପରଠାରୁ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ରବୀନ୍ଦ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ବଳିଷ୍ଠ ସାକ୍ଷ୍ୟ ପ୍ରମାଣ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ରଜତ କୁମାର ଦାଶ ମକଦ୍ଦମା ପରିଚାଳନା କରୁଥିଲେ।

### ଖଲ୍ଲିକୋଟରେ ଧର୍ମଗୁଳାରେ ସଭାପତି ଚୟନ

ଖଲ୍ଲିକୋଟ (ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ କୋର୍ଟରେ ଶନିବାର ଅନୁଷ୍ଠିତ ଓକିଲ ସଂଘ ନିର୍ବାଚନରେ ସଭାପତି ପଦ ପାଇଁ ଦୁଇ ଜଣ ପ୍ରତିଦ୍ୱନ୍ଦିତା କରିଥିଲେ। ଆଇନଜୀବୀ ପ୍ରଶାନ୍ତ କୁମାର ପଣ୍ଡା ଏବଂ ଆଇନଜୀବୀ ନିଳାମ୍ବର ଶତପଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଉଭୟେ ୪୪ ଲେଖାଏଁ ସମାନ ସମାନ ଭୋଟ ପାଇଥିଲେ। ପରବର୍ତ୍ତୀ ସମୟରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ନିଖିଲ କୁମାର ପଟ୍ଟନାୟକ ଧର୍ମଗୁଳା ପକାଇଥିଲେ। ଫଳରେ ନିଳାମ୍ବର ଶତପଥି ବାର ସଭାପତି ମନୋନୀତ ହୋଇଛନ୍ତି। ସେହିପରି ଜୋତିଶ କୁମାର ନନ୍ଦ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେମିନାର ସେକ୍ରେଟାରୀ ରୂପେ ରଞ୍ଜନ ସେଠୀ ଏବଂ ରାଧାଶ୍ୟାମ ଦଳେଇ ଉପସଭାପତି ରୂପେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ।

### ୧୪ ଦିନ ପାଇଁ ଆମିଷ ବିକ୍ରି ଓ ସେବନ ବନ୍ଦ ନିଷ୍ପତ୍ତି

# ଡେର ଦଣ୍ଡ ମିଳନ ସମାରୋହ ପ୍ରସ୍ତୁତି

ବାଲିଗୁଡା,୩୦।୩(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡାରେ ଏପ୍ରିଲ ୧ ତାରିଖରୁ ୧୩ ତାରିଖ ଯାଏ ମା’ କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡ଼ା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୫ ତମ ବାର୍ଷିକ ତେର ଦଣ୍ଡ ମିଳନ ସମାରୋହ ଏପ୍ରିଲ ୭ ତାରିଖ ରବିବାର ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଣୁ ସମଗ୍ର ବାଲିଗୁଡା ଅଞ୍ଚଳବାସୀଙ୍କୁ ସମିତି ତରଫରୁ ଅନୁରୋଧ ଯେ, ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ସହରରେ ଅଣ୍ଡା, ମାଛ, ମାଂସ, ଶୁଖୁଆ ପ୍ରଭୃତି ଆମିଷ ଦ୍ରବ୍ୟ ଅନୁଷ୍ଠାନରେ ବିକ୍ରି ଓ ସେବନ ବନ୍ଦ କରି ସହଯୋଗ କରିବା ସହିତ ମା’ କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି। ତେର ଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୭ ତାରିଖ ରବିବାର ସକାଳ ୮ ଘଣ୍ଟା ସମୟରେ ମା’ ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଦଳଙ୍କୁ ବରଣ କରାଯିବ। ରାତ୍ର ୮ଟାରୁ ୧୨ଘଣ୍ଟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ରାତ୍ର ୧୧ ଘଟିକାରେ ଝୁଣା ଦଣ୍ଡ ପଟୁଆର ସହ ୮ ତାରିଖ ସୋମବାର ସକାଳ ୮ ଘଟିକାରେ ଯାତ୍ରା ସମାପନ ହେବ। ଏଣୁ ସମସ୍ତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି।

### ହିଞ୍ଜିଳିରେ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ହିଞ୍ଜିଳିକାଟୁ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ଓକିଲ ସଂଘ ନିର୍ବାଚନରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଚିତ୍ତରଞ୍ଜନ ମହାରଣା କହିଛନ୍ତି। ସଂଘ ସଭାପତି ଭାବେ ମୁକ୍ତିରାମ ସାବତ, ଉପସଭାପତି ଜଗତ ମୋହନ ସାହୁ, ସମ୍ପାଦକ ଶାନ୍ତନୁ କୁମାର ପଲେଇ ଓ ଯୁଗ୍ମ ସମ୍ପାଦକ ରୂପେ ଜିତେନ କୁମାର ପ୍ରହରାଜ ଚଳିତ ଥର ନିର୍ବାଚିତ ହୋଇଛନ୍ତି।

# ନୟନ ସଭାପତି, ବିରଞ୍ଚି ନାରାୟଣ ସମ୍ପାଦକ

**ଗଞ୍ଜାମ ଓକିଲ ସଂଘ ନିର୍ବାଚନ**

ବ୍ରହ୍ମପୁର , ୩୦।୩ (ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ନୟନ ଚନ୍ଦ୍ର ମହାପାତ୍ର ୬୮୬ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋଜ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ମନୋଜ ୫୦୨ ଖଣ୍ଡ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ଭାବେ ଆଇନଜୀବୀ ବିରଞ୍ଚି ନାରାୟଣ ମହାପାତ୍ର ୪୨୨ଭୋଟ ପାଇ ଟି. ଭେଙ୍କଟ ରାଓଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଟି. ଭେଙ୍କଟ ରାଓ ୩୭୦ ଖଣ୍ଡ ଭୋଟ ପାଇଥିଲେ। ଉପସଭାପତି ଭାବେ ରାମପ୍ରସାଦ ପଣ୍ଡା, ଯୁଗ୍ମସମ୍ପାଦକ ଭାବେ ଗିରିଜା ଶଙ୍କର ବେହେରା ବିଜୟୀ ହୋଇଛନ୍ତି। ଶନିବାର ସକାଳେ ନିର୍ବାଚନ



ଅଧିକାରୀ ଅନିଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ରାଜ୍ୟ ବାର କାଉନ୍‌ସିଲର ଅନୁମୋଦନ କ୍ରମେ ଗଞ୍ଜାମ ଓକିଲ ସଂଘର ୧୫୮୩ ଜଣ ଆଇନଜୀବୀ ମତଦାନ କରିବା ପାଇଁ ତାଲିକା ପ୍ରସ୍ତୁତ କରାଯାଇଥିଲା। ମୋଟ ୧୩୮୯ ଜଣ ଆଇନଜୀବୀ ଭୋଟ ଦେଇଥିଲେ। ନବନିର୍ବାଚିତ କର୍ମକର୍ତ୍ତାମାନେ ଓକିଲ ସଂଘର ବିକାଶ ସହ ଆଇନଜୀବୀଙ୍କ ସାମୂହିକ ସମସ୍ୟା ଦିଗରେ ମଧ୍ୟ ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ନବନିର୍ବାଚିତ ପ୍ରତିନିଧିଙ୍କୁ ବାର୍ ପରିସରରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି, ୩୦।୩ (ଗିରିଧାରୀ ପରିଛା): ଗଜପତି ଜିଲା ଗୋସାଣି ବ୍ଲକ ଗୁରାଣ୍ଡି ଥାନା କଇଠଡା ଗ୍ରାମରେ ଦେଶୀ ବନ୍ଧୁକ ଜବତ କରିବା ସହ ଜଣକୁ ଗିରିଫ କରିଛି ଗୁରାଣ୍ଡି ପୋଲିସ। ପାଟ୍ରୋଲିଂ ସମୟରେ କଇଠଡା ଗ୍ରାମ ନିକଟରୁ ଜଣକୁ ଗିରିଫ କରିଛି ପୋଲିସ। ଗିରିଫ ଅଭିଯୁକ୍ତ ଜଣକ ହେଉଛି ସେହି ଗ୍ରାମର ସୁଜନ ମଣ୍ଡଳ। ଗୁରାଣ୍ଡି, ବଡ ନିଳପୁରୁ ଆଦି ଗ୍ରାମରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ କଇଠଡା ଗ୍ରାମ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବାହାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ପଚରାଉଚାର କରିଥିଲେ। ସେହି ସମୟରେ ତାଙ୍କ ନିକଟରେ ଗୋଟିଏ ଦେଶୀ ବନ୍ଧୁକ ଥିବା ଦେଖିବାକୁ ପାଇଥିଲେ।

# ବିଭିନ୍ନ ଓକିଲ ସଂଘର ନିର୍ବାଚନ

### ବୁଗୁଡ଼ାରେ ବନବାସୀ ସଭାପତି, ଦୁର୍ଗା ସମ୍ପାଦକ

ବୁଗୁଡ଼ା (କାଳିଚରଣ ଦାଶ): ବୁଗୁଡ଼ା ଓକିଲ ସଂଘ ନିର୍ବାଚନ ଫଳାଫଳ ଶନିବାର ଘୋଷଣା ହୋଇଛି। ଏଥିରେ ସଭାପତି ଭାବେ ବନବାସୀ ମହାରଣା ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ସରୋଜ କୁମାର ଦାଶ, ସମ୍ପାଦକ ଭାବେ ଦୁର୍ଗା ମାଧବ ପଣ୍ଡା ଧର୍ମଗୁଳାରେ ବିଜୟୀ ଘୋଷିତ ହୋଇଛନ୍ତି। କାର୍ଯକାରୀ ସଭ୍ୟଭାବେ ସୁଶାନ୍ତ ଡାକୁଆ, ଆଶିଷ ରାଉତ ଏବଂ ରବୀନ୍ଦ୍ର ବେହେରା ନିର୍ବାଚିତ ହୋଇଥିବା ବେଳେ ପୂର୍ବରୁ ସହସମ୍ପାଦକ ଭାବେ ସୀମାଞ୍ଚଳ ନନ୍ଦ ଓ କୋଷାଧ୍ୟକ୍ଷ ଭାବେ କାହ୍ନୁ ଚରଣ ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ



ବୁଗୁଡ଼ା ଓକିଲ ସଂଘ ସଭାପତି ବନବାସୀ ମହାରଣା।

ସତ୍ୟନାରାୟଣ ମିଶ୍ର ଓ ସହ ଅଧିକାରୀ ଭାବେ ଶ୍ରୀକାନ୍ତ ଶତପଥୀ ନିର୍ବାଚନ ପରିଚାଳନା କରିଥିଲେ।

### ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି ସ୍ୱରୂପ



ପାରଳାଖେମୁଣ୍ଡି(ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ଓକିଲ ସଂଘର ସଭାପତି ଭାବେ ସ୍ୱରୁପ କୁମାର ପାଳ ଓ ସମ୍ପାଦକ ଭାବରେ ରାମକୃଷ୍ଣ ନାୟକ ନିର୍ବାଚିତ ହୋଇଛନ୍ତି। ମୋଟ ୯୯ ଜଣ ସଦସ୍ୟ ଭାଗ ନେଇଥିବା ବେଳେ ସ୍ୱରୂପ ୫୦ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ସେହିପରି ରାମକୃଷ୍ଣ ନାୟକ ୫୯ ଖଣ୍ଡ ଭୋଟ ପାଇଛନ୍ତି। ଉପ ସଭାପତି ଭାବେ ଶିଶିର କୁମାର ଜେନା ଓ ସହ ସମ୍ପାଦକ ଭାବରେ ନୀଳମାଧବ ଅଧିକାରୀ ଏବଂ କୋଷାଧ୍ୟକ୍ଷ ଭାବରେ ସଞ୍ଜୟ କୁମାର ପଟ୍ଟନାୟକ ନିବାଚିତ ହୋଇଛନ୍ତି। ତେବେ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିଛନ୍ତି ପୂର୍ବତନ ସଭାପତି ସିଦ୍ଧେଶ୍ୱର ମିଶ୍ର। ସେ କହିଛନ୍ତି ଭୋଟ ଗଣତିରେ ତ୍ରୁଟି ରହିଥିବା ସହ ପକ୍ଷପାତିତା କରାଯାଇଛି। ତେଣୁ ସେ ରାଜ୍ୟ ଓକିଲ ସଂଘ ଅବଗତ କରାଇବେ।

### ମୋହନାରେ ସଭାପତି ସନ୍ତୋଷ, ପଦ୍ମନାଭ ସମ୍ପାଦକ



ମୋହନା (ମନ୍ମଥ ମିଶ୍ର): ଚଳିତ ବର୍ଷ ପାଇଁ ମୋହନା ଓକିଲ ସଂଘର କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସରିଯାଇଛି। ନିର୍ବାଚନ ଅଧିକାରୀ ମଧୁସୂଦନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମସ୍ତ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଯଥାକ୍ରମେ ସଭାପତି ସନ୍ତୋଷ କୁମାର ପାଢ଼ୀ, ଉପସଭାପତି ସିମାଞ୍ଚଳ କାର୍ଜୀ, ସମ୍ପାଦକ ପଦ୍ମନାଭ ପତି, ଯୁଗ୍ମସମ୍ପାଦକ ଜୋସେଫ ମାଝୀ, କୋଷାଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ପାଇକ ଓ ଗ୍ରନ୍ଥାଗାର ଭାବେ ସୁଶାନ୍ତ ମଲ୍ଲିକ, ଉପଦେଷ୍ଟା ଭାବେ ସୁଦର୍ଶନ ସାହୁ, ରବୀନ୍ଦ୍ର ନାୟକ, ପ୍ରଭାତ ପାତ୍ର, ଦୁର୍ଯ୍ୟୋଧନ କରଡା ଓ ଗଣେଶ ଚୌଧୁରୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବା ଏବଂ ସମସ୍ତ ସଭ୍ୟ ଉପସ୍ଥିତ ଥିବା ନିର୍ବାଚନ ଅଧିକାରୀ ପାଢ଼ୀ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।

### ଫୁଲବାଣୀରେ ନୀରଦ ସଭାପତି, କୁଞ୍ଜବିହାରୀ ସମ୍ପାଦକ



ଫୁଲବାଣୀ (ରାକେଶ କୁମାର ରାଉତ)–ଫୁଲବାଣୀ ଜିଲା ଓକିଲ ସଂଘର କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଛି। ନୀରଦ କୁମାର ପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପ-ସଭାପତି ଭାବେ ହରପ୍ରସାଦ ସାମନ୍ତ, ସମ୍ପାଦକ କୁଞ୍ଜ ବିହାରୀ ଶତପଥି, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, ପାଠାଗାର ସମ୍ପାଦକ ମୋହନ କୁମାର ପଣ୍ଡା, କୋଷାଧ୍ୟକ୍ଷ ଭାବେ ଅସ୍ମିତା କୁମାରୀ ନାୟକ ସର୍ବ ସମତି କ୍ରମେ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ଅଜୟ କୁମାର ସିଂ, ବିଜୟ ମହାନ୍ତି, ବୀଣାପାଣି ପ୍ରଧାନ, ବିଶ୍ୱଜିତ ପଟ୍ଟନାୟକ, ଦିଲ୍ଲୀପ କୁମାର ବାନାର୍ଜୀ, ଗୌରୀ ଶଙ୍କର ବେହେରା ଓ ପ୍ରତାପ କୁମାର ପାତ୍ରଙ୍କୁ ମନୋନୀତ କରାଯାଇଛି। ସ୍ଥାନୀୟ ଜିଲା ବାର ଆସୋସିଏଶନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଦାୟୀ ସଭାପତି ଭଗବାନ ମହାନ୍ତି ଓ ସମ୍ପାଦକ କମଳ କୁମାର ବେହେରା ନୂତନ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନିର୍ବାଚନ ପ୍ରକ୍ରିୟାକୁ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ପରିଚାଳନା କରିଥିଲେ।

### ଦାରିଙ୍ଗବାଡ଼ିରେ ସଭାପତି ରଞ୍ଜିତ, ସମ୍ପାଦକ ଟିପୁସୁଲତାନ



ଦାରିଙ୍ଗବାଡି (ଅରୁଣ ସାହୁ)– ଦାରିଙ୍ଗବାଡି ଓକିଲ ସଙ୍ଘର ନିର୍ବାଚନ ଫଳ ଘୋଷଣା ହୋଇଯାଇଛି। ସଙ୍ଘର ନୂତନ ସଭାପତିଭାବେ ରଞ୍ଜିତ କୁମାର ମନ୍ତ୍ରୀ ନିର୍ବାଚନ ଜିତିଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଟିପୁସୁଲତାନ ନାୟକଙ୍କ ନାମ ଘୋଷଣା କରାଯାଇଛି। ସେହିପରି ସଙ୍ଘର ଉପସଭାପତି ଭାବେ ଜ୍ୟୋତିସେନ ପରିଛା ଏବଂ କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ବେହେରା ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ପ୍ରଦୀପ ବଲିୟାର ସିଂ, ଲାଇବ୍ରେରିଆନ ଏଲିଆସ ମାଝୀ ଚୟନ ହୋଇଥିଲେ ନିର୍ବବାଚନକୁ ଓକିଲ ପ୍ରବୀର ସାହୁ ଅଧିକାରୀ ଭାବେ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉମେଶ କର, ହରେନ ସାହୁ ପ୍ରଦୀପ ସାହୁ ଅମିତ ସାହୁ, ମନୋଜ ପଣ୍ଡା, ମାଥିୟୁସ ପ୍ରଧାନ, ଇନ୍ଦ୍ରମଣୀ ପ୍ରଧାନ, ସୁବର୍ଣ୍ଣବାଗସିଂପ୍ରମୁଖ ଉପସ୍ଥିତ ଥିଲେ।

### କୋଦଳାରେ ପୂର୍ଣ୍ଣ ସଭାପତି, ଗୋପାଳ ସମ୍ପାଦକ

କୋଦଳା (ଅମିତ କୁମାର ପଟ୍ଟନାୟକ): କୋଦଳା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୋମନାଥ ବେହେରାଙ୍କୁ ପରାଜିତ କରିଛନ୍ତି। ସେହିପରି ସମ୍ପାଦକ ଭାବେ ଗୋପାଳକୃଷ୍ଣ ସାହୁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସନ୍ୟାସୀ ସାହୁଙ୍କୁ ପରାଜିତ କରିଛନ୍ତି। ଉପସଭାପତି ଭାବେ ହରପ୍ରସାଦ ସାହୁ ପ୍ରତିଦ୍ୱନ୍ଦ୍ୱୀ ଅବନୀ ଶଙ୍କର ମିଶ୍ରଙ୍କୁ ପରାଜିତ କରିଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଭାସ୍କର ସ୍ୱାଇଁ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ବାଳକୃଷ୍ଣ ପଣ୍ଡା ଆଜିର ନିର୍ବାଚନ ପରିଚାଳନା କରିଥିଲେ।

# ପ୍ରାର୍ଥୀ ଚୟନ ବିଳମ୍ବ: କଂଗ୍ରେସ, ଭାଜପା କର୍ମୀ ନିରାଶ

ଦାରିଙ୍ଗବାଡ଼ି,୩୦।୩ (ଅରୁଣ ସାହୁ) କନ୍ଧମାଳ ଜିଲା ଜି. ଉଦୟଗିରି ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ଏବେ ସମସ୍ତଙ୍କ ନଜର କଂଗ୍ରେସ ଓ ଭାଜପା ଉପରେ। ପ୍ରାର୍ଥୀ ଘୋଷଣା କରିବାରେ ବିଜେଡି ଆଗୁଆ ରହିଥିବା ବେଳେ ଦଳୀୟ କର୍ମୀ ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ନିର୍ବାଚନ ଜିତିବାର ଏକ ପ୍ରକାର ଆଶା ବୃଦ୍ଧି ପାଇଛି। ଦଳ ପୁଣି ସାଲୁଗା ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବାରୁ ତାଙ୍କୁ ଟକ୍କର ଦେଲାଭଳି ପ୍ରାର୍ଥୀ କଂଗ୍ରେସ ଓ ଭାଜପାର ହେବା ଆବଶ୍ୟକ। ତେବେ ଯାଇ ତ୍ରିମୁଖୀ ଲଢେଇ ହେବ ବୋଲି ଆଶା କରାଯାଉଛି। ତେବେ କଂଗ୍ରେସ ଓ ଭାଜପାର ଏକାଧିକ ଆଶାୟୀ ରହିଥିବାରୁ ପ୍ରାର୍ଥୀ ଚୟନରେ ବିଳମ୍ବ ଘଟୁଥିବା କୁହାଯାଉଛି। ହେଲେ ଏହାର କୁପ୍ରଭାବ ସିଧା ସେମାନଙ୍କ କର୍ମୀଙ୍କ ଉପରେ ପଡୁଛି। କଂଗ୍ରେସ ଓ ଭାଜପା କର୍ମୀଙ୍କ ମନରେ ନିରାଶାଭାବ ଦେଖିବାକୁ ମିଳୁଛି। ଏପଟେ ବିଜେଡିର ପ୍ରାର୍ଥୀ ଘୋଷଣା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଯେତିକି ଉତ୍ସାହ ଦେଖାଯାଇଛି, କର୍ମୀ ସମ୍ମିଳନୀ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ଦଳ ସେହିଭଳି ଅଣ୍ଟା ଭିଡ଼ିଛି। ସେପଟେ କଂଗ୍ରେସ ଓ ଭାଜପାର ଗ୍ୟାରେଣ୍ଟି ଓ ବିଭିନ୍ନ ଘୋଷଣାକୁ ନେଇ ଲୋକଙ୍କ ପାଖକୁ ଭୋଟ ମାଗିବାକୁ ଯିବାକୁ ରହିଥିବାରୁ ବିଜେଡି ମଧ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇ ଭୋଟ ଭିକ୍ଷା କରିବ।

ପ୍ରକାଶ ଯେ, କଂଗ୍ରେସର ଗଡ଼ କୁହାଯାଉଥିବା ଜି. ଉଦୟଗିରି ନିର୍ବାଚନମଣ୍ଡଳୀର ଦାରିଙ୍ଗବାଡ଼ି ଏବେ ବିଜେଡିମୟ ହୋଇଛି। ଅଞ୍ଚଳର ୨୫ ପଞ୍ଚାୟତରେ ଅଧିକାଂଶ ଲୋକ ପ୍ରତିନିଧି ବିଜେଡି ହାତରେ। ସେହିପରି ଦୁଇଟି ଜିଲା ପରିଷଦ ଆସନରୁ ଗୋଟିଏ ବିଜେଡି ଅନ୍ୟଟି କଂଗ୍ରେସ ହାତରେ ରହିଛି। ଏହି ନିର୍ବାଚନମଣ୍ଡଳୀରେ ୪ଟି ବ୍ଲକ ତଥା ଟିକାବାଲି, ଜି.ଉଦୟଗିରି, ରାଇକିଆ ଓ ଦାରିଙ୍ଗବାଡି ରହିଛି। ତେବେ ବୃହତ୍ ବ୍ଲକ ଭାବେ ଦାରିଙ୍ଗବାଡି ଭୋଟର ଭାଗ୍ୟ ନିର୍ଦ୍ଧାରଣ କରୁଥିବା ବେଳେ ଚଳିତ ଥର କଂଗ୍ରେସ ଓ ଭାଜପାକୁ ପଛରେ ପକାଇ ଏଠାରେ ବିଜେଡି ଆଗୁଆ ରହିବ ବୋଲି ସମସ୍ତଙ୍କ ଆଶା। ସୂଚନାଯୋଗ୍ୟ, ଏହି ନିର୍ବାଚନମଣ୍ଡଳୀରେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ବିଜେଡି ହାତରେ ରହିଥିବା ବେଳେ ୨୦୦୪ରୁ ୨୦୦୯ କଂଗ୍ରେସ, ୨୦୦୯ରୁ ୨୦୧୪ ଭାଜପା, ୨୦୧୪ରୁ ୨୦୧୯ ପୁଣି ଥରେ କଂଗ୍ରେସ, ୨୦୧୯ରୁ ୨୦୨୪ପୁଣି ବିଜେଡି ଶାସନ କରୁଛି। ତେଣୁ ପୁଣି ଦଳ ସାଲୁଗାଙ୍କୁ ପ୍ରାର୍ଥୀ କରିଥିବାରୁ ବିଜେଡି ମହଲରେ ବିଜୟର ଆଶା ସଂଚାର ହେଉଛି। ସେପଟେ କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ କିଏ ହେବ, ସେନେଇ ଉଭୟ ଦଳର ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ଆଶାବାଦୀ ଅଛନ୍ତି।

## ସଂକ୍ଷେପରେ

### ବାଇକ୍ ସହିତ ପିକ୍‌ଅପ ଧକ୍କା, ଜଣେ ମୃତ

ପାତ୍ରପୁର,୩୦।୩(ଉମାଚରଣ ନେପାକ):

ଜରଡ଼ା ଥାନା ପାତ୍ରପୁର ବ୍ଲକ ଜୟନ୍ତୀପୁର ଗ୍ରାମରେ ଶନିବାର ବାଇକ ସହିତ ପିକଅପ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟନ୍ତୀପୁର ଗ୍ରାମର ଗଣପତି ରାଉଳ (୪୦)। ସେ ଏକ ବାଇକ ଯୋଗେ ବସଷ୍ଟାଣ୍ଡ ଆଡ଼କୁ ଆସୁଥିବା ବେଳେ ବିପରୀତ ଦିଗରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ପିକଅପ କେଶରୀପଡା ପଟକୁ ଯାଉଥିଲା। ହଟାତ ଦୁଇ ଗାଡ଼ି ମଧ୍ୟରେ ଧକ୍କା ହେବା ଫଳରେ ଗଣପତି ପିକଅପ୍ ଚକ ତଳେ ପଡ଼ିଯାଥିଲେ। ଗାଡ଼ିଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜରଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ତଦନ୍ତ ଆରମ୍ଭ କରିଛି।

### ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଆସିକା, ୩୦।୩ (ସୁରେନ୍ଦ୍ର ନାଥ ସାହୁ):

ଆସିକା-ଧରାକୋଟ ୫୬ନମ୍ବର ଜାତୀୟ ରାଜପଥର ମୁଣ୍ଡମରାଇ ଛକରୁ ଶନିବାର ସକାଳେ ଆସିକା ଅବକାରୀ ବିଭାଗ ବେଆଇନ ଚୋରା ଚାଲାଣ ବେଳେ ୬କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଏଚ.ବି. ଗୋପି ଓ ତାଙ୍କ ଘର କର୍ଣ୍ଣାଟକରେ। ଗଞ୍ଜାମ ଜିଲା ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଅବକାରୀ ଇନିସପେକ୍ଟର ଅରୁଣ କୁମାର ଯୋଶୀଙ୍କ ନେତୃତ୍ୱରେ ଅବକାରୀ ଟିମ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଆସିକା ଅବକାରୀ ଥାନାରେ ୮୨/୨୩-୨୪ରେ ଏକ ମାମଲା ରୁଜୁ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ।

### ସରିଲା ସାହି ଯାତ୍ରା, ଆଜି ପଞ୍ଚୁଦୋଳ ଯାତ୍ରା

ଗଞ୍ଜାମ,୩୦।୩(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ହାଟ ପଡିଆଠାରେ ହେବାକୁଥିବା ପ୍ରସିଦ୍ଧ ପଞ୍ଚୁ ଦୋଳ ଯାତ୍ରାର ସାହି ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରୁ ସାହି ଯାତ୍ରା ପାଇଁ ସମସ୍ତ ଗ୍ରାମ ଏବଂ ହୁମା ଗ୍ରାମର ବିଭିନ୍ନ ସାହି ଚଳ ଚଞ୍ଚଳ ହୋଇଉଠିଥିଲା। ଏହି ଅବସରରେ ସମସ୍ତଠାକୁର ନିଜ ସାହିର ବିମାନରେ ବସିବେ ଏବଂ ପୂଜାର୍ଚ୍ଚନା ସେଠାରେ ହେବ। ଠାକୁରଙ୍କ ସମ୍ମୁଖରେ ରାତ୍ର ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ପୂର୍ବାହ୍ନରେ ସାହିଯାତ୍ର ସମାପିତ ହୋଇଥିଲା। ସମସ୍ତ ଗ୍ରାମ ଗୁଡ଼ିକ ଆଲୋକମାଳା ଯୋଗୁ ଯାତ୍ରା ଆକର୍ଷଣ ଅଧିକ ବଢିଯାଇଛି। ବିଭିନ୍ନ ଅଞ୍ଚଳର ବହୁ ଲୋକ ଏହି ଯାତ୍ରା ଦେଖିବା ପାଇଁ ସନ୍ଧ୍ୟାରୁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। ସାହି ଯାତ୍ରା ହେଉଥିବା ହୁମା ଗ୍ରାମର ବିଭିନ୍ନ ସାହି ଯଥା ବଡ଼ ସାହି, ଗୋପୀନାଥ ସାହି, କେଉଟ ସାହି ଓ ଅନ୍ୟାନ୍ୟ ସାହି ସମେତ କଣ୍ଟିଆଗଡ଼, ଖଟୁଆକୁଦା, ଝାଡ଼କୁଦା, ଗଡ଼ହୁମା, ବେଲପଡା, କଳାଯମୁନା, ଲୁଂଘୁରି ପ୍ରଭୃତି ଗ୍ରାମରେ ଅନୁଷ୍ଠିତ ହୋଇଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ବେଲଗୁଣ୍ଠା,୩୦।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଉଦୁରା ପଞ୍ଚାୟତ ଅଧୀନ କୋକଲୁଣ୍ଡା ଗ୍ରାମରେ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋକଲୁଣ୍ଡା ଗ୍ରାମର ସୁଜାତା ମଲିକ୍ ପୁଅ ଆୟୁଷ (୧୦)। ଆୟୁଷ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ପୋଖରୀରେ ବୁଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି ପରେ ପୋଖରୀରୁ ଉଦ୍ଧାର କରି ପ୍ରଥମେ ବେଲଗୁଣ୍ଠା ଡାକ୍ତରଖାନା ଏବଂ ସେଠାରୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆୟୁଷଙ୍କୁ ମୃତ ଘୋଷଣା ଘୋଷଣା କରିଥିଲେ। ଏ ନେଇ ବେଲଗୁଣ୍ଠା ଥାନାରେ ନଂ.୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ରେସପଣ୍ଡ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱସ୍ତିକ ସୁନ୍ଦର ସୀୟ ବିଧବା ତଥା ଅସହାୟା ସୁଜାତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ନିର୍ମାଣରେ ତ୍ରୁଟି, ଭୁଶୁଡ଼ିବ ମେଡିକାଲ କଲେଜ

■ନିର୍ମାଣକାରୀ ସଂସ୍ଥା ଗଣମାଧମକୁ ଭିତରକୁ ଛାଡୁନି
■ବାଲି ବଦଳରେ ମାଟିରେ ହେଉଛି ଫିଲିଂ

ଫୁଲବାଣୀ,୩୦।୩(ରାକେଶ କୁମାର ରାଉତ)



ବାଲି ବଦଳରେ ମାଟି ଫିଲିଂ ହେଉଛି।

କନ୍ଧମାଳ ଜିଲାର ବହୁ ପ୍ରତୀକ୍ଷିତ ମେଡିକାଲ କଲେଜ ନିର୍ମାଣରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। କେହି ତ୍ରୁଟି କଲେ କାଳେ କିଏ ଧରିବ, ତାହାକୁ ନଜରରେ ରଖି ନିର୍ମାଣାଧୀନ ମେଡିକାଲ କଲେଜ ପରିସରକୁ କାହାରିକୁ ଛଡ଼ାଯାଉନି। ଏପରିକି ଗଣମାଧ୍ୟମକୁ ମଧ୍ୟ ନିର୍ମାଣକାରୀ ସଂସ୍ଥା ଭିତରକୁ ଛାଡୁନାହିଁ। କହିଲେ ଗୁଣ୍ଡା ଲଗେଇ ମାରିବାକୁ ଧମକ ଦେଉଛନ୍ତି। ପୂର୍ବରୁ ମେଡିକାଲ ସମ୍ମୁଖରେ ଏଠାରେ ଫଟୋଗ୍ରାଫି ଏବଂ ଭିଡିଓ ରେକର୍ଡିଂ ମନା ବୋଲି ଏକ ବୋର୍ଡ ମାରିଥିଲେ। ଏ ନେଇ ଗଣମାଧମ ପ୍ରତିନିଧି ପୂର୍ତ୍ତ ବିଭାଗକୁ ଜଣାଇବାରୁ ସେହି ଲେଖାକୁ ତ ହଟେଇ ଦେଲେ, ହେଲେ ଭିତରକୁ ଛାଡ଼ିବାକୁ ମନା କଲେ। କହୁଛନ୍ତି, ଆମକୁ ମୁଖ୍ୟମନ୍ତ୍ରୀ ମନା କରିଛନ୍ତି। କିନ୍ତୁ ଏ ନେଇ ସେମାନେ କୌଣସି ଲିଖିତ ନିର୍ଦ୍ଦେଶନାମା ଦେଖାଇ ପାରୁନାହାନ୍ତି। ମେଡିକାଲ କଲେଜର ନିର୍ମାଣ ଯେଉଁ ହିସାବରେ ହେବା କଥା ସେପରି ହେଉନାହିଁ। ନିର୍ମାଣାଧୀନ କୋଠାକୁ ବାଲିରେ ଫିଲିଂ କରିବାକୁ ଏମ୍‌ଓୟୁରେ ସ୍ପଷ୍ଟ ଉଲ୍ଲେଖ ରହିଛି। ହେଲେ ବାଲି ବଦଳରେ ସେଠାରେ ମାଟି ପକାଯାଇ ସାନ୍ଧି ଦିଆଯାଉଛି। ଏହା ଧରାପଡ଼ିବ ବୋଲି ନିର୍ମାଣାଧୀନ ସଂସ୍ଥା ଗଣମାଧମକୁ ଭିତରକୁ ଛାଡୁନାହିଁ। ସେହିପରି ପିଲରରେ ଏଷ୍ଟିମେଟ ମୁତାବକ ରଡ଼ ଦିଆଯାଉନାହିଁ। ବାଲି, ସିମେଣ୍ଟ ମିଶ୍ରଣ କଥା ନ କହିବା ଭଲ ବୋଲି ସେଠାରେ କାମ କରୁଥିବା କେତେକ ଠିକା ସଂସ୍ଥାର ମିସ୍ତ୍ରିମାନେ କହିଛନ୍ତି। ସେମାନଙ୍କ କହିବା ମୁତାବକ, ଏହାର ଭିଜିଲାନ୍ସ ତଦନ୍ତ ଆବଶ୍ୟକ। ୫୦୦ କୋଟିରୁ ଆସି ୭୦୦ କୋଟି। ଏହା ପରେ ଆହୁରି କେତେ କୋଟି ଟଙ୍କା ନିର୍ମାଣ ବାବଦରେ ବଢ଼ିଛି, କିନ୍ତୁ ଏଠି ଲୁଟତରାଜ ଚାଲିଛି ବୋଲି କହିଛନ୍ତି।

ଏହି ଘଟଣା ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମିତ କୁମାର ଟୁଡୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ସେ ସ୍ପଷ୍ଟ ଭାବେ କହିଥିଲେ ଯେ, ସେଠାକୁ ଗଣମାଧମ ଯିବାରେ କୌଣସି ଅସୁବିଧା ନାହିଁ। ଫଟୋଗ୍ରାଫି କି ଭିଡିଓ କରିବାରେ କୌଣସି ସମସ୍ୟା ନାହିଁ। ଏହି କଥା ପରେ ନିର୍ମାଣାଧୀନ ସଂସ୍ଥା ସେଠାରେ ମାରିଥିବା ନୋ ଫଟୋଗ୍ରାଫି, ଭିଡିଓ ପୋଷ୍ଟକୁ ହଟାଇ ଦେଇଥିଲେ, ହେଲେ ଭିତରକୁ ଛାଡ଼ି ନ ଥିଲେ। ଘଟଣା ସମ୍ପର୍କରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ପଚାରିବାରୁ ଗଣମାଧମ ଯିବାରେ କିଛି ଅସୁବିଧା ନାହିଁ। କ'ଣ ହୋଇଛି ମୁଁ ନିର୍ବାହୀ ଯନ୍ତ୍ରୀ ଟୁଡୁଙ୍କୁ ପଚାରି କହିବି ବୋଲି ସେ କହିଛନ୍ତି।

କଥା ଉଠୁଛି, ପାଖାପାଖି ୧୦୦୦ କୋଟି ଯାଏ ମେଡିକାଲ କଲେଜ ନିର୍ମାଣ ବାବଦରେ ଅର୍ଥ ପର୍ଯ୍ୟାୟକ୍ରମେ ମଞ୍ଜୁର ହେଲାଣି। ଏହା ଲୋକମାନଙ୍କ ଟଙ୍କା ହେଲେ ନିର୍ମାଣାଧୀନ ସଂସ୍ଥା କାହିଁକି ଗଣମାଧମକୁ ଛାଡ଼ିବ ନାହିଁ ବୋଲି ବହୁ ସାମାଜିକ କର୍ମୀ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଅକ୍ଟୋବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କନ୍ଧମାଳ ଜିଲାରେ ୫୦୦ ଶଯ୍ୟା ଏବଂ ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଖୋଲିବାକୁ ଘୋଷଣା କରିଥିଲେ। ୨୦୨୧ ଏପ୍ରିଲ ୨ରେ କନ୍ଧମାଳ ଜିଲା ଦିନିକିଆ ଗସ୍ତରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସେତେବେଳର ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ଏକ ୪ ଜଣିଆ ଟିମ୍ ଆସି ପ୍ରସ୍ତାବିତ ମେଡିକାଲ କଲେଜ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା

ଦିଗପହଣ୍ଡି,୩୦।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଓଡ଼ାସିଙ୍ଗି ଗ୍ରାମସ୍ଥିତ ଶ୍ରୀ ସ୍ୱପ୍ନେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଶନିବାର ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅବସରରେ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅଜିତ୍ ରଥ ଓ ଜଗଦୀଶ ରଥ, ସାଗର ତ୍ରିପାଠୀ, ଗୋପାଳକୃଷ୍ଣ ହୋତା, ସୁଶାନ୍ତ ରଥ ପ୍ରମୁଖଙ୍କ ପୂଜାପାଠ ପରେ ଶତାଧିକ ମହିଳା ଦୀକ୍ଷା ଗ୍ରହଣ ପରେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ଏହାପରେ ଗ୍ରାମ ନିକଟସ୍ଥ ବଡ଼ବନ୍ଧରେ ପଣ୍ଡିତଙ୍କ ଦ୍ୱାରା ପୂର୍ବ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ଗଙ୍ଗା ଆବାହନ ପରେ ବିଧି ମୁତାବକ ଗିନି, କୀର୍ତ୍ତନ, ଢୋଲ ଓ ହୁଳହୁଳି ନାଦରେ ଯଜ୍ଞସ୍ଥଳକୁ ମାନସିକଧାରୀମାନେ ଜଳପୂର୍ଣ୍ଣ କଳସ ଧରି ଯାତ୍ରା କରିଥିଲେ। ଶନିବାରଠାରୁ ୫ ଦିନ ବ୍ୟାପୀ ଏହି ମହାଯଜ୍ଞ ଆୟୋଜିତ ହେବାକୁଥିବା ବେଳେ ବୁଧବାର ମହାଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଯଜ୍ଞ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ରବିବାରଠାରୁ ପ୍ରତ୍ୟେକ ଦିନ ହୋମଯଜ୍ଞ, ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆୟୋଜନ ହେବ। ମହାଯଜ୍ଞ ପରିଚାଳନା କମିଟି ସଭାପତି ଦେବରାଜ ରେଡ୍ଡୀ, ଉପସଭାପତି ଦଣ୍ଡପାଣି ବାଡ଼ତ୍ୟା, ସମ୍ପାଦକ ଜାଗିଲି ରେଡ୍ଡୀ, କୋଷାଧ୍ୟକ୍ଷ କ୍ଷେତ୍ର ରେଡ୍ଡୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼, ପୂର୍ବତନ ସରପଞ୍ଚ ଭୀମସେନ ସାହୁ, ଯଜ୍ଞ ପରିଚାଳନା କମିଟି ସଦସ୍ୟ ଜାଗିଲି ସେଠୀ, ସହଦେବ ରେଡ୍ଡୀ, ଧର୍ମେନ୍ଦ୍ର ଚୌଧୁରୀ ଏବଂ ତତ୍ତ୍ୱାବଧାରକ ଭଗବାନ ସେଠୀଙ୍କ ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ୍ ପ୍ରସ୍ତୁତି ବୈଠକ

ରମ୍ଭା,୩୦।୩(ବନବାସୀ ସେଠୀ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ ପ୍ରସ୍ତୁତି ବୈଠକ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି, ସମ୍ପାଦକ ଓ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି ଓ କର୍ମକର୍ତ୍ତା ଓ ଗଣମାଧମ ପ୍ରତିନିଧିମାନେ ସାମିଲ ହୋଇଥିଲେ। ବୈଠକରେ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଛି। ତତ ସହିତ ରମ୍ଭାରେ ଉତ୍କଳର ଐତିହ୍ୟ ଓ ସାଂସ୍କୃତିକ ସଂଗ୍ରାହଳୟ ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ସହ ୪୧ଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଧାକାନ୍ତ ଦାସ, ପ୍ରଭାକର ତ୍ରିପାଠୀ, ହରେକୃଷ୍ଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରସାଦ ରାଓ ପୃଷ୍ଟି, ସାଂଗଠନିକ ସମ୍ପାଦକ ଅଭିମନ୍ୟୁ ସାହୁ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବାଳକୃଷ୍ଣ ମହାରଣା, ବିଜୟ କୁମାର ବିଶ୍ୱାଳ, ଦଣ୍ଡପାଣି ମହାପାତ୍ର, ପ୍ରସନ୍ନ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଭାଜପାର ନିର୍ବାଚନୀ ପ୍ରସ୍ତୁତି ସଭା

## ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା

ଦିଗପହଣ୍ଡି,୩୦।୩(ଅଶେଷ ନାଥ ମିଶ୍ର)




ସଭାରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

ଭାଜପା ପକ୍ଷରୁ ଶନିବାର ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦିଗପହଣ୍ଡି ନିର୍ବାଚନୀ ପ୍ରସ୍ତୁତି ସଭା ଓ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ସଙ୍ଗଠନ ଦାୟିତ୍ୱରେ ଥିବା ଭାଜପା କୃଷକ ମୋର୍ଚ୍ଚା ଗଞ୍ଜାମ ଜିଲା ସଭାପତି ଚିନ୍ମୟାନନ୍ଦ ମହାରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପାର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡଃ. ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ବିଜେଡି ସରକାରଙ୍କୁ ଉଚିତ ଜବାବ ଦେଇ ନୂଆ ସରକାର ଗଢି ଦିଗପହଣ୍ଡିର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ଗଢିବା ପାଇଁ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସଭାରେ ବିଗତ ଦିନରେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିବା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଭାଜପା ଗଞ୍ଜାମ ଜିଲା ସଭାପତି ଡ଼. ସୁବାଷ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ଜିଲା ସଂଯୋଜକ ସରୋଜ ସାବତ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ରାଜେଶ ସାହୁ, ଜିଲା ସାଧାରଣ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେଓ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଇଂ. ଉତ୍ତମ ପାଣିଗ୍ରାହୀ, ଭାଜପା ଜିଲା ଉପସଭାପତି ପରେଶ ଚନ୍ଦ୍ର ରଥ, ସଂଯୋଜକ ଶୁଭେନ୍ଦୁ ପାଢ଼ୀ, ଯୁବମୋର୍ଚ୍ଚା ଜିଲା ସମ୍ପାଦକ କିଶୋର ସାହୁ, ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ହରିପ୍ରିୟା ଆଶ୍ରମ ମୁଖ୍ୟ ତଥା ଭାଜପା ନେତା ଦେବଦତ୍ତ ମହାରାଜ, ଭବାନୀ ଶଙ୍କର ପଣ୍ଡା, ବାପି ପ୍ରଧାନଙ୍କ ସମେତ ହରିବନ୍ଧୁ ରେଡ୍ଡୀ, ପ୍ରମୋଦ ପାଣିଗ୍ରାହୀ, ଦେବହରି ଗୌଡ଼, ସରପଞ୍ଚ ତପନ ପ୍ରଧାନ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଉଦୟନାଥ ସ୍ୱାଇଁଙ୍କ ସମେତ ସହସ୍ରାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ରାଇକିଆ ପୋଲିସର ଫ୍ଲାଗ ମାର୍ଚ୍ଚ

ରାଇକିଆ ୩୦।୩-(ପ୍ରଦୀପ ବେହେରା)

ସାଧାରଣ ନିର୍ବାଚନ ୨୦୨୪ ପାଇଁ ଆଚରଣ ବିଧି ଲାଗୁ ହେଲା ପରେ ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ରାଇକିଆ ପୋଲିସ ପକ୍ଷରୁ ଶନିବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ରାଇକିଆ ଥାନାଧିକାରୀ ଆଶୁତୋଷ ପାଇକରାୟଙ୍କ ନେତୃତ୍ୱରେ ଆଇଆରବି ଯବାନ ଏସ୍‌ଆଇ ତପନ କୁମାର ଦାସ, ଏଏସ୍‌ଆଇ ମାନସ ମାଝୀ, ରାଜେନ୍ଦ୍ର କୁମାର ମିଶ୍ର ଥାନା କର୍ମଚାରୀମାନେ ଥାନା ପରିସରରୁ ଉକ୍ତ ଫ୍ଲାଗ୍‌ମାର୍ଚ୍ଚରେ ବାହାରି ସହର ପରିକ୍ରମା କରିଥିଲା।

# ରାସ୍ତା ନ ଥିବାରୁ ଦୋଳାରେ ବୁହାହେଲେ ଗର୍ଭବତୀ

**ବୁଢ଼ାଗୁଡା ଅଞ୍ଚଳରେ ଜନନୀ ଯନ୍ତ୍ରଣା**

ଦାରିଙ୍ଗବାଡ଼ି,୩୦।୩(ଅରୁଣ ସାହୁ)



ଗର୍ଭବତୀଙ୍କୁ ଦୋଳାରେ ନିଆଯାଉଛି।

ଦାରିଙ୍ଗବାଡ଼ିର ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣାରୁ ମୁକ୍ତି ମିଳୁନି। ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ହାସ୍ୟାସ୍ପଦ ପାଲଟିଛି। ବାଇକ୍ ଆମ୍ବୁଲାନ୍ସ ଅନେକ ସମୟରେ ଲୋକଙ୍କୁ ସହାୟତା କରୁଥିବା ବେଳେ ଯେଉଁଠି ସମ୍ପୂର୍ଣ୍ଣ ରାସ୍ତାଟିଏ ନାହିଁ ସେଠି ଦୋଳା ଭରସା ହୋଇଥାଏ। ଏଭଳି ଘଟଣା ଦେଖିବାକୁ ମିଳିଛି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବୁଢ଼ାଗୁଡା ପଞ୍ଚାୟତ ଅଞ୍ଚଳରେ। ରାସ୍ତା ନ ଥିବାରୁ ଶୁକ୍ରବାର ଜଣେ ଗର୍ଭବତୀଙ୍କୁ ସମ୍ପର୍କୀୟମାନେ ୪ କି.ମି ଦୋଳାରେ ବୁହାଇ ନେଇଥିଲେ। ଉକ୍ତ ଅଞ୍ଚଳର ମାଣ୍ଡେମାହା ଗ୍ରାମର ଅଜୟ ମଲିକଙ୍କ ସ୍ତ୍ରୀ ରିବିକାଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା। ସେଠାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ପ୍ରାୟ ୧୫ କିଲୋମିଟର ହୋଇଥିବା ବେଳେ ୪ କିଲୋମିଟର ରାସ୍ତା ନଥିବାରୁ ଦୋଳାରେ ତାଙ୍କୁ ନିଜ ଗ୍ରାମରୁ ସରୁଲାଇ ଗ୍ରାମ ପର୍ଯ୍ୟନ୍ତ ପରିବାର ଓ ସମ୍ପର୍କୀୟମାନେ ବୋହି ଆଣିଥିଲେ। ଯେତେବେଳେ ସେ ସରୁଲାଇରେ ପହଞ୍ଚିଲେ, ଖବର ପାଇ ଉକ୍ତ ଅଞ୍ଚଳରେ ଜାଗୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବାଇକ୍ ଆମ୍ବୁଲାନ୍ସ ଆସି ପହଞ୍ଚିଲା ଓ ରିବିକାଙ୍କୁ ବୁଢ଼ାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲା। ରିବିକାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବେ ସ୍ଥିର ରହିଥିବା ବେଳେ ସେ ଏକ କନ୍ୟା ସନ୍ତାନଟିଏ ଜନ୍ମ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ଏହା ଦିନିକିଆ ଘଟଣା ନୁହଁ, ନିତିଦିନିଆ ଘଟଣା ପାଲଟିଛି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ସମେତ ବୁଢ଼ାଗୁଡା ଭଳି ଦୁର୍ଗମ ଅଞ୍ଚଳରେ ସବୁଦିନିଆ ଭଲ ରାସ୍ତାଟିଏ ନ ଥିବାରୁ ଏଭଳି ଅନେକ ରିବିକା କଷ୍ଟ ଭୋଗୁଛନ୍ତି। ତେବେ ଉକ୍ତ ବ୍ଲକ ଅଞ୍ଚଳରେ ୨୫ ପଞ୍ଚାୟତ ରହିଥିବା ବେଳେ ମାତ୍ର ଦୁଇଟି ବାଇକ୍ ଆମ୍ବୁଲାନ୍ସ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ରହିଛି। ଏହି ସଂଖ୍ୟା ବୃଦ୍ଧି କରାଗଲେ ଅଞ୍ଚଳରେ ଅନେକ ଗର୍ଭବତୀ ବିପଦମୁକ୍ତ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିପାରିବେ ବୋଲି କୁହାଯାଉଛି।

# ବିଭିନ୍ନ ଓକିଲ ସଂଘର ନିର୍ବାଚନ

## ଛତ୍ରପୁରରେ ପ୍ରଦୀପ ସଭାପତି, ସୁରେଶ ସମ୍ପାଦକ

ଛତ୍ରପୁର,୩୦।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):



ସଭାପତି ଓ ସମ୍ପାଦକ

ଛତ୍ରପୁର ଓକିଲ ସଙ୍ଘ କର୍ମକର୍ତ୍ତା ନିର୍ବାଚନ ଲାଗି ଶନିବାର ଭୋଟ ଗ୍ରହଣ ହୋଇ ଫଳାଫଳ ଘୋଷଣା ହୋଇଛି। ସଂଘର ସଭାପତି ଭାବେ ପ୍ରଦୀପ କୁମାର ପାଢ଼ୀ, ଉପସଭାପତି ଭାବେ ଚୈତନ୍ୟ ପ୍ରଧାନ, ସମ୍ପାଦକ ଭାବେ ସୁରେଶ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ସମୀର କୁମାର ପାଣିଗ୍ରାହୀ, ଲାଇବ୍ରେରୀ ସମ୍ପାଦକ ଭାବେ ବିଶ୍ୱ ଭୂଷଣ ପାଢ଼ୀ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ଓକିଲ ଦେବେନ୍ଦ୍ର କୁମାର ମିଶ୍ର, ଓକିଲ ସନ୍ତୋଷ କୁମାର ସାହୁ ଓ ଓକିଲ ନରସିଂହ ପାଢ଼ୀ ପରିଚାଳନା କରିଥିଲେ।

## ଖେମୁଣ୍ଡିରେ ହରପ୍ରସାଦ ସଭାପତି, ପ୍ରଦୀପ ସମ୍ପାଦକ



ହରପ୍ରସାଦ ରଥ



ପ୍ରଦୀପ ନାୟକ

ଦିଗପହଣ୍ଡି (ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ସଭାପତି ଭାବେ ହରପ୍ରସାଦ ରଥ ନିର୍ବାଚିତ ହୋଇଥିବା ବେଳେ ରଞ୍ଜନ କୁମାର ବେହେରା ଉପ ସଭାପତି, ସମ୍ପାଦକ ପ୍ରଦୀପ କୁମାର ନାୟକ, ସହ ସମ୍ପାଦକ ରବିଚନ୍ଦ୍ର ଗୌଡ଼ ନିର୍ବାଚିତ ହୋଇଥିବା ବେଳେ ପୂର୍ବରୁ ସିମାଞ୍ଚଳ ପ୍ରଧାନ ଅପ୍ରତିଦ୍ୱନ୍ଦୀ ଭାବେ କୋଷାଧ୍ୟକ୍ଷ ପଦବୀରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ନୋଟାରୀ ରତ୍ନାକର ମେକାପ ଜଣାଇଛନ୍ତି। ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା ମାନଙ୍କୁ ଓକିଲ ସଂଘର ସମସ୍ତ ସଦସ୍ଯ ଅଭିନନ୍ଦନ ଜଣାଇଛନ୍ତି।

## ଆସିକାରେ ସୁଧାଂଶୁ ସଭାପତି, ବିଦେଶୀ ସମ୍ପାଦକ




ସଭାପତିଙ୍କ ଗହଣରେ ନବନିର୍ବାଚିତ ସଦସ୍ୟମାନେ।

ଆସିକା (ସୁରେନ୍ଦ୍ର ନାଥ ସାହୁ):

ଆସିକା ଓକିଲ ସଂଘର ଶନିବାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା ଅପ୍ରତିଦ୍ୱନ୍ଦୀ ସଭାପତି ନିର୍ବାଚିତ ହୋଇଥିଲା ବେଳେ ସମ୍ପାଦକ ରୂପେ ବରିଷ୍ଠ ଆଇନଜୀବୀ ବିଦେଶୀ ନାହାକ ପ୍ରତିଦ୍ୱନ୍ଦିତାରେ ବିଜୟୀ ଘୋଷିତ ହୋଇଛନ୍ତି। ଅନ୍ୟ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରଭାତ କୁମାର ପାଢୀ ଉପ ସଭାପତି, ରାଘବ କୁମାର ନାହାକ ଯୁଗ୍ମ ସମ୍ପାଦକ ଭାବେ ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲା ବେଳେ ସନ୍ତୋଷ କୁମାର ମିଶ୍ର କୋଷାଧ୍ୟକ୍ଷ ଓ ସୀମାଞ୍ଚଳ ସେଠୀ ପାଠାଗାର ରକ୍ଷକ ଭାବେ ଅପ୍ରତିଦ୍ୱନ୍ଦୀ ନିର୍ବାଚିତ ହୋଇଥିବା ଜଣାଯାଇଛି। ବରିଷ୍ଠ ଆଇନଜୀବୀ କାଳିଚରଣ ଦାଶ ନିର୍ବାଚନ ଅଧିକାରୀ ରୂପେ କାର୍ଯ୍ୟ ତୁଲାଇଥିଲେ। ନବନିର୍ବାଚିତ ସଭାପତି ପଣ୍ଡା ବିଭିନ୍ନ ସମୟରେ ଏଥି ପୂର୍ବରୁ ୩ଥର ଓକିଲ ସଂଘର ସଭାପତି ରହିଥିଲେ।

## ଭଞ୍ଜନଗରରେ ସଭାପତି ଶୈଳେନ୍ଦ୍ର, ସମ୍ପାଦକ ରାଜେନ୍ଦ୍ର




ନବ ନିର୍ବାଚିତ କର୍ମକର୍ତ୍ତା।

ଭଞ୍ଜନଗର (ବାବୁଲା ପ୍ରଧାନ): ଭଞ୍ଜନଗର ବାର ଆସୋସିଏସନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଶୈଳେନ୍ଦ୍ର ନାରାୟଣ ସାହୁ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ଡି. ଗଗନ ବିହାରୀ ବିନ୍ଧାଣିରା, ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ, ସହ ସମ୍ପାଦକ ଅଶ୍ୱିନୀ କୁମାର ଦାସ ଓ କୋଷାଧକ୍ଷ ଭାବେ ସଂଗ୍ରାମ କେଶରୀ ମିଶ୍ର ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଅଶିନୀ ଦାସ, କୋଷାଧକ୍ଷ ସଂଗ୍ରାମ କେଶରୀ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଆଜି କେବଳ ସଭାପତି ଓ ଉପ ସଭାପତି ପାଇଁ ନିର୍ବାଚନ ହୋଇଥିଲା। ନିର୍ବାଚନକୁ ଲଡୁ କିଶୋର ଆଳତିଆ, ତ୍ରିନାଥ ମଲିକ, ବିଦ୍ୟାଧର ଷଡ଼ଙ୍ଗୀ, ଗିରିଜା ଶଙ୍କର ଭୂୟାଁ, ରାଜେଶ ଆଚାରି, ଧ୍ରୁବ ତ୍ରିପାଠୀ ପରିଚାଳନା କରିଥିଲେ। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ବାରର ସମସ୍ତ ସଭ୍ୟା ସଭ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## କବିସୂର୍ଯ୍ୟନଗରରେ କିଶୋର ସଭାପତି, ଚଣ୍ଡିପ୍ରସାଦ ସମ୍ପାଦକ



କବିସୂର୍ଯ୍ୟନଗର (କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ବାର ଆସୋସିସନ କର୍ମକର୍ତ୍ତା ନିର୍ବାଚନ ଶନିବାର ଶେଷ ହୋଇଛି। ପ୍ରକାଶଥାଉ କି, ଗତ ଫେବୃଆରୀ ୨୨ରେ ବାର ଆସୋସିସନ ସଭାପତି ଦୁଷ୍ମନ୍ତ କୁମାର ଜେନା ହୃଦଘାତରେ ପ୍ରାଣ ହରାଇଥିଲେ। ଆଜି କବିସୂର୍ଯ୍ୟନଗର ଦେୱାନୀ ବିଚାରପତି ଓ ପ୍ରଥମ ଶ୍ରେଣୀ ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତର କାର୍ଯ୍ୟରତ ସମସ୍ତ ଆଇନଜୀବୀ କର୍ମକର୍ତ୍ତା ନିର୍ବାଚନ କରିଥିଲେ। ସଭାପତି ଭାବେ କିଶୋର ଚନ୍ଦ୍ର ପଣ୍ଡା, ଉପସଭାପତି ଅଶୋକ କୁମାର ମହାରଣା, ସମ୍ପାଦକ ଚଣ୍ଡୀପ୍ରସାଦ ପ୍ରଧାନ, ସହ ସମ୍ପାଦକ ଭାବେ ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କୁ ନିର୍ବାଚିତ କରିଥିଲେ। ତ୍ୱରିତ ଆଇନସେବା ସହ ଶୃଙ୍ଖଳିତ ଭାବେ ମିଳିମିଶି କର୍ତ୍ତବ୍ୟ ସମ୍ପାଦନ କରିବାକୁ ନିର୍ବାଚିତ ପ୍ରତିନିଧିମାନେ ମତପ୍ରକାଶ କରିଥିଲେ।

## ସଂକ୍ଷେପରେ

### ସରକାରୀ ଅର୍ଥ ହେରଫେର ମାମଲାରେ ୩ ନିର୍ଦ୍ଦୋଷ

ବ୍ରହ୍ମପୁର, ୩୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ଅର୍ଥ ହେରଫେର୍ ମାମଲାର ଶୁଣାଣି କରି ଶନିବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ଼. ଅରୁଣ କୁମାର ସାହୁ ୩ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପାତ୍ରପୁର ବ୍ଲକ ପଦାଦିଗିର ପୂର୍ବତନ ସରପଞ୍ଚ ପ୍ରସନ୍ନ ଚେଧୁରୀ, ପୂର୍ବତନ ସମ୍ପାଦକ ପଦ୍ମଚରଣ ନାୟକ ଓ ପୂର୍ବତନ ଭିଏଲଡବ୍ଲୁ ତଥା ନିର୍ବାହୀ ଅଧିକାରୀ ଜେ. ରାମା ରାଓ। ୨୦୦୬-୦୭ରେ ଏମ୍‌ଜିଏନ୍‌ଆର୍‌ଇଜିଏରେ ପଦାଦିଗି ପଞ୍ଚାୟତ ମାଧୁରୀବନ୍ଧର ନବୀକରଣ କାମ କରାଯାଇଥିଲା। ଏହି କାମରେ ୧ଲକ୍ଷ ୧୯ହଜାର ୯୭୬ ଟଙ୍କା ହେରଫେର୍ କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ନାରାୟଣପୁର ଗ୍ରାମର ରାସ୍ତା କାମରେ ମଧ୍ୟ ୪୦ହଜାର ଟଙ୍କା ହେରଫେର୍ କରାଯାଇଥିବା ନେଇ ଅଡିଟ୍‌ରେ ଜଣାପଡିଥିଲା। ଏହା ସହିତ ପଦାଦିଗି ଓ କୃପାସିନ୍ଧୁପଲ୍ଲୀ ଗ୍ରାମର ଅନ୍ୟ ଦୁଇଟି ଉନ୍ନୟନ କାମରେ ମଧ୍ୟ ଅର୍ଥ ହେରଫେର୍ ହୋଇଥିବା ଅଭିଯୋଗ ହୋଇଥିଲା। ଏଭଳି ପ୍ରାୟ ୨ଲକ୍ଷ ୭୩ ହଜାର ଟଙ୍କାର ସରକାରୀ ଅର୍ଥ ହେରଫେର୍ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଅନୁସାରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ୨୦୦୮ ମେ' ୧୪ରେ ନଂ.୧୩/୦୮ରେ ମାମଲା ରୁଜୁ କରି କୋର୍ଟରେ ୩ଜଣଙ୍କ ନାମରେ ଚାର୍ଜସିଟ ଦାଖଲ କରିଥିଲା। ମାମଲାର ଶୁଣାରି ବେଳେ ୨୭ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବ ଯୋଗୁଁ କୋର୍ଟ ଏଭଳି ରାୟ ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଭବାନୀ ପ୍ରସାଦ ପଣ୍ଡା, ଚିତ୍ତରଞ୍ଜନ ଶତପଥୀ ଓ ମନୋଜ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

### ଅହିଂସା ମାର୍ଗରେ ଆନ୍ଦୋଳନ କରୁଥିଲେ ଲକ୍ଷ୍ମଣ

ବ୍ରହ୍ମପୁର,୩୦।୩(ସ୍ମୃତି ରଞ୍ଜନ ମହାଲିକ)

ପୂଜ୍ୟପୂଜା ସମିତି ଶନିବାର ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ପାଳିଛି। ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କୋରାପୁଟର ତେନ୍ତୁଳି ଗୁମ୍ମାରେ ଜନ୍ମିତ ଲକ୍ଷ୍ମଣ ଶାନ୍ତିପ୍ରିୟ ଥିଲେ। କୋରାପୁଟର ଗାନ୍ଧୀ ଭାବେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ଆଦିବାସୀଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ସହ ମାଦକ ଦ୍ରବ୍ୟ ବିରୋଧରେ ପ୍ରଚାର କରୁଥିଲେ। ସତ୍ୟ ଓ ଅହିଂସା ମାର୍ଗରେ ଆନ୍ଦୋଳନ କରୁଥିଲେ। କିନ୍ତୁ ଇଂରେଜମାନେ ତାଙ୍କୁ ମିଥ୍ୟା ହତ୍ୟା ମାମଲାରେ ଗିରଫ କରି ବ୍ରହ୍ମପୁର ଜେଲରେ ଫାଶୀ ଦେଇଥିଲେ। ଆଜି ବ୍ରିଟିଶ ରାଜ ନଥିଲେ ବି ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ କମ୍ପାନୀଙ୍କ ସାମ୍ରାଜ୍ୟବାଦୀ ନୀତି ଫଳରେ ରାଷ୍ଟ୍ରୀୟ ସଂପଦ ଘରୋଇ ମାଲିକାନା ହାତକୁ ଚାଲିଯାଉଛି। ଲକ୍ଷ୍ମଣ ନାୟକଙ୍କ ସେହି ଶୋଷଣ ବିହୀନ ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ସମାଜ ସଚେତନ ହେବା ଆବଶ୍ୟକ ବୋଲି ସଭାରେ ମତ ପ୍ରକାଶ ପାଇଛି। ହେତୁବାଦୀ ସଂଘର କେ. ନନ୍ଦେଷୁ ସେନାପତି, ମାନବ ଅଧିକାର ସୁରକ୍ଷା ମଂଚର ସଭାପତି ଗଗନ ଚନ୍ଦ୍ର ମଲିକ, ଜିଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା, ଜନଜାଗରଣ ମଞ୍ଚର ସଭାପତି ଦୁର୍ଗା ପ୍ରସାଦ ମିଶ୍ର ଓ ପ୍ରଧାନ ଶିକ୍ଷକ ସନାତନ ଜାଲିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଦୁନିଆ ଦେଖିବି ବୋଲି ଭାବି ନ ଥିଲି

ବ୍ରହ୍ମପୁର,୩୦।୩(ସୁବାଷ ଚନ୍ଦ୍ର ପାଢ଼ୀ)

## ଚକ୍ଷୁଦାନ କରିଥିବା ଲୋକଙ୍କୁ ଭଗବାନ ମୋକ୍ଷ ଦିଅନ୍ତୁ: ମଞ୍ଜୁଳା

ବ୍ରହ୍ମପୁର ଏମ୍‌କେସିଜିକୁ ଚକ୍ଷୁଦାନ କରିବାରେ ଲୋକଙ୍କ ଆଗ୍ରହ ବଢ଼ିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ୨ଜଣଙ୍କୁ ଚକ୍ଷୁ ପ୍ରଦାନ କରାଯାଇଛି। ସେମାନେ ହେଲେ ବୁଗୁଡା ବ୍ଲକ ମାଣିତରା ନିକଟ ତାମ୍ଫିରିର ମଞ୍ଜୁଳା ପ୍ରଧାନ ଓ ଗେଟବଜାର ଅଞ୍ଚଳର ରଶ୍ମିକାନ୍ତ ନାୟକ। ଆଖି ପାଇବା ପରେ ମଞ୍ଜୁଳା ସମସ୍ତଙ୍କୁ ଦେଖିବା ପରେ ତାଙ୍କର ମୁହଁର ପ୍ରଥମ କଥା ଥିଲା ଦୁନିଆ ଦେଖିବି ବୋଲି ଭାବିନଥିଲି। ଦୀର୍ଘଦିନର ଦୁଃଖକୁ ଲିଭାଇ ସୁଖ ଦେବା ଲୋକଙ୍କୁ ଯଦିଓ ଦେଖିପାରିବି ନାହିଁ, କିନ୍ତୁ ତାଙ୍କୁ ମୋକ୍ଷ ଦିଅନ୍ତୁ ବୋଲି ମହାପ୍ରଭୁଙ୍କ ନିକଟରେ ମାଗୁଣି କରୁଛି ବୋଲି ସେ କହିଛନ୍ତି।

ମଞ୍ଜୁଳା ପ୍ରଧାନ। ବୟସ ପାଖାପାଖି ୪୨ ବର୍ଷ ହେବ। ପିଲାବେଳୁ ତାଙ୍କ ଆଖିକୁ ଦିଶୁନଥିଲା। ମା'ବାପାଙ୍କ ପାଖରେ ଆଦରରେ ବଢୁଥିବା ମଞ୍ଜୁଳାଙ୍କ ପାଇଁ ମାତାପିତା ଅନେକ ସ୍ଥାନରେ ଦେଖାଇଥିଲେ। ହେଲେ ସୁଫଳ ମିଳିନଥିଲା। ଧିରେ ଧିରେ ବୟସ ବଢ଼ିବା ପରେ ବାହା ହେବା ବୟସରେ ଉପନିତ ହେଲେ। ମାତାପିତା ବି ଚିନ୍ତିତ ହୋଇପଡିଥିଲେ। ସେ ନିଜକୁ ପଚାରୁଥିଲେ ଅନ୍ଧୁଣୀଟାକୁ କିଏ ବାହା ହେବ। ଯିଏ ବାହା ହେବ ଆଜିକାଲିକା ସମାଜରେ ତାଙ୍କୁ କ'ଣ ସୌଭାଗ୍ୟବାନ ବୋଲି କୁହାଯିବ? ସିଏ କ'ଣ ତାଙ୍କୁ ମାତାପିତାଙ୍କ ଭଳି ପଚାରିବେ? ଏଭଳି ଅନେକ ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା। ଏଭଳି ସ୍ଥିତିରେ ପରିବାର ଲୋକେ ତାଙ୍କୁ ତାମ୍ଫିରି ଗାଁର କେଦାର ପ୍ରଧାନଙ୍କ ସହ ୨୦୦୩ ରେ ବିବାହ କରାଇ ଦେଇଥିଲେ। କେଦାର ବି ମଞ୍ଜୁଳାଙ୍କୁ ନେଇ ବିଭିନ୍ନ ସ୍ଥାନରେ ଦେଖାଇଥିଲେ। ତଥାପି ସୁଫଳ ପାଇନଥିଲେ। କିନ୍ତୁ ଧୈର୍ଯ୍ୟହରା ହୋଇନଥିଲେ। ତାଙ୍କର ବିଶ୍ୱାସ ଥିଲା ଅନ୍ୟ ଜଣଙ୍କ ଆଖିରେ ମଞ୍ଜୁଳା ଦେଖିପାରିବେ। ଏଭଳି ଭରସାର ସହିତ ବ୍ରହ୍ମପୁର ଏମ୍‌କେସିଜିର ଚକ୍ଷୁ ଅନୁଷ୍ଠାନରେ ମଞ୍ଜୁଳାଙ୍କୁ ଭର୍ତ୍ତି କରିଥିଲେ। ଅସ୍ତ୍ରୋପଚାର କରାଯାଇ ମଞ୍ଜୁଳାଙ୍କୁ ଜୀବନ୍ତ ଆଖି ଲଗାଯାଇଥିଲା। ଦୀର୍ଘ ସମୟ ପରେ ତାଙ୍କ ଆଖିରୁ ପଟି ଖୋଲିଥିଲା। ସାମନାରେ ସମସ୍ତଙ୍କୁ ଦେଖିବା ପରେ ନିଜକୁ ବିଶ୍ୱାସ କରିପାରିନଥିଲେ। ଭାବ ବିହ୍ୱଳ ହୋଇପଡିଥିଲେ। ଏକ ଅବିଶ୍ୱସନୀୟ ଘଟଣା ଘଟିଥିବାରୁ ମୁହଁରୁ କଥା ବାହାରିନଥିଲା। ଅନେକ ବାର ପଚାରିବା ପରେ ନିଜ ମୁହଁରୁ ପଦୁଟିଏ କଥା ବାହାରିଥିଲା ଚକ୍ଷୁଦାନ କରିଥିବା ଲୋକଙ୍କୁ ଭଗବାନ ଆଦରି ନିଅନ୍ତୁ। ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସେହିପରି ଗେଟବଜାରର ରଶ୍ମିକାନ୍ତ ନାୟକ। ବୟସ ପାଖାପାଖି ୪୮ବର୍ଷ ହେବ। ତାଙ୍କର ଗୋଟିଏ ଆଖିକୁ ଦେଖାଯାଉନଥିଲା। ଅନେକ ସ୍ଥାନରେ ଦେଖାଇବା ପରେ ଜୀବନ୍ତ ଆଖି ଲାଗିଲେ ସେ ଦେଖିପାରିବେ ବୋଲି ଡାକ୍ତର କହିଥିଲେ। ନିରାଶ ହୋଇ ଭରସାର ସହିତ ବ୍ରହ୍ମପୁରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜର ଚକ୍ଷୁ ଅନୁଷ୍ଠାନକୁ ଆସିଥିଲେ। ସେଠାରେ ତାଙ୍କୁ ଗୋଟିଏ ଆଖି ମିଳିଥିଲା। ଅସ୍ତ୍ରୋପଚାର ପରେ ସେ ବି ଅନୁରୂପ କଥା କହିଛନ୍ତି। ବ୍ରହ୍ମପୁର ଚକ୍ଷୁ ଅନୁଷ୍ଠାନକୁ ଏବେ ଚକ୍ଷୁଦାନ ବଢ଼ିବାରେ ଲାଗିଛି। ଅନେକ ପରିବାର ସେମାନଙ୍କ ସଦସ୍ୟଙ୍କ ମୃତ୍ୟୁ ପରେ ସ୍ୱଇଚ୍ଛାରେ ଚକ୍ଷୁଦାନ କରୁଛନ୍ତି। ଏଥିପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ବି ବଢ଼ିଛି। ଜଣଙ୍କ ଆଖିରେ ଅନ୍ୟ ଜଣେ ଦେଖିବା କ୍ୱଚିତ ଥିଲେ ବି ବ୍ରହ୍ମପୁର ଏମ୍‌କେସିଜିରେ ଏହା ସମ୍ଭବ ହୋଇପାରିଛି ବୋଲି ଏମକେସିଜି ଅଧୀକ୍ଷକ ତଥା ଚକ୍ଷୁ ବିଭାଗର ମୁଖ୍ୟ ଡ. ସୁଚିତ୍ରା ଦାଶ କହିଛନ୍ତି। ଚକ୍ଷୁରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କୁ ଉକ୍ତ ବିଭାଗରେ ଉତ୍ତମ ଚିକିତ୍ସା ପ୍ରଦାନ କରାଯାଉଛି। ଏଥିସହ ସେମାନଙ୍କୁ ଉତ୍ତମ ସେବା ପ୍ରଦାନ କରାଯାଉଥିବା ସେ କହିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର କରାଯାଇଥିବା ବେଳେ ଏଥିରେ ସହାୟତା କରିଥିଲେ ଡ. ପିୟୁଷ ଜୈନ, ନର୍ସିଂ ଅଫିସର ରଙ୍ଗଲତା ପଶା ଓ ଯଶୋଦା ମହାପାତ୍ର।


ଚକ୍ଷୁ ବିଭାଗ ୱାର୍ଡରେ ମଞ୍ଜୁଳା।


ଜୀବନ ଜୀବିକା ବଡ ବଜାର ଅଞ୍ଚଳରେ ଜଣେ ମହିଳା ଆମ୍ବୁଲ ଶୁଖାଇ ବ୍ୟବସାୟ ପାଇଁ ପ୍ରସ୍ତୁତି କରୁଛନ୍ତି। (ଫଟୋ- ସମୀର)

## କଂଗ୍ରେସ ନେତା ଲିଙ୍ଗରାଜ ଚୌଧୁରୀଙ୍କ ପରଲୋକ

ବ୍ରହ୍ମପୁର,୩୦।୩(ନରସିଂହ ସାହୁ)

ବ୍ରହ୍ମପୁରର କଂଗ୍ରେସ ନେତା ଲିଙ୍ଗରାଜ ଚୌଧୁରୀଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୫୩ ବର୍ଷ ହୋଇଥିଲା। ଗତ କିଛିଦିନ ହେବ ସେ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ଚୌଧୁରୀ ଅତୀତରେ ପ୍ରଦେଶ କଂଗ୍ରେସ (ପିସିସି) ସମ୍ପାଦକ ଥିଲେ ଏବଂ ୨୦୧୯ ନିର୍ବାଚନରେ ବ୍ରହ୍ମପୁରରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଗୋଷାଣିନୂଆଗାଁ ନିବାସୀ ଲିଙ୍ଗରାଜ ରାଜନୀତି ସହ ଜଣେ ଧର୍ମପ୍ରାଣ ବ୍ୟକ୍ତି ରୂପେ ପରିଚିତ ଥିଲେ। ଦକ୍ଷିଣ ଭାରତର ରାମେଶ୍ୱରମ ଆଦି ଶଙ୍କରାଚାର୍ଯ୍ୟଙ୍କ ପରମଭକ୍ତ ଥିଲେ ଏବଂ ଗୋଷାଣିନୂଆଗାଁ ଶଙ୍କର ଭବନର ପରିଚାଳକ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ମୃତ୍ୟୁଞ୍ଜୟ


@ ବିଭୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁବକଙ୍କୁ ଛୁରି ଭୁସି ହତ୍ୟା

ହିଞ୍ଜିଳିକାଟୁ, ୩୦।୩(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଅନ୍ତର୍ଗତ ଧୋବାଡ଼ିଠାରେ ଏକ ଅର୍ଦ୍ଧନିର୍ମିତ ଘରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ସନ୍ଧ୍ୟାରେ ଜବତ ହୋଇଛି। ତାଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତକ ଜଣକ ହେଲେ ପୁରୁଷୋତ୍ତମପୁର ବ୍ଲକ ହନ୍ତସ ଗାଁର ସଞ୍ଜୟ ନାଇକ(୩୫)। ବେଲଗାଁ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସଞ୍ଜୟ ଧୋବାଡି ଛକରେ ଏକ ଘର ନିର୍ମାଣ କରୁଥିଲେ। ସେଠାରେ ସେ ପ୍ରତିଦିନ ପରି ଶୁକ୍ରବାର ରାତିରେ ମଧ୍ୟ ରହିଥିଲେ। ଶନିବାର ଘରକୁ ଫେରିନଥିଲେ। ପରିବାର ଲୋକେ ଫୋନ୍ କଲେ ମଧ୍ୟ ମୋବାଇଲ ଉଠାଇ ନ ଥିଲେ। ଶନିବାର ସନ୍ଧ୍ୟାରେ ସଞ୍ଜୟଙ୍କ ଭଉଣୀ ବବିତା ସେହି ଅର୍ଦ୍ଧନିର୍ମିତ ଘର ନିକଟକୁ ଆସିଥିଲେ। ଭାଇଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଘର ଭିତର ଚଟାଣରେ ପଡ଼ିଥିବା ଦେଖିଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ, ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ତେବେ ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା


କୁଳପତିଙ୍କ ସହ ଅବସରପ୍ରାପ୍ତ କର୍ମଚାରୀ।

ବ୍ରହ୍ମପୁର, ୩୦।୩(ତନୁଶ୍ରୀ ନାହକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ହଲରେ ଶନିବାର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କ ବିଶ୍ୱବିଦ୍ୟାଳୟ ପ୍ରତି ଥିବା ଭୂମିକାକୁ କୁଳପତି ପ୍ରଶଂସା କରିଥିଲେ। ଜଣେ ଶିକ୍ଷକ ଓ ୪ ଅଣ ଶିକ୍ଷକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେମାନେ ହେଲେ ଗଣିତ ବିଭାଗର ଅଧ୍ୟାପକ ଡ଼. ପଦ୍ମନାଭ ସାମନ୍ତ, ବ୍ରହ୍ମପୁର ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଲାଇବ୍ରେରୀ ଆଟେଣ୍ଡାଣ୍ଟ ବାବାରାଓ ପାତ୍ର, ପିଅନ ମଲି ପାଣିଗ୍ରାହୀ, ଝାଡୁଦାର ରାଜୁ ପାତ୍ର ଏବଂ ଭେଇକଲ ବିଭାଗର ସେକ୍ସନ ଅଫିସର ପ୍ରଦୀପ କୁମାର କହଁର। ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା, ଡ.ରଘୁନାଥ ପାତ୍ର, ଡ. ମୃତ୍ୟୁଞ୍ଜୟ ଜେନା, ଡ. ସଦାନନ୍ଦ ନାୟକ, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିମାଇଁ ଚରଣ ପଟ୍ଟନାୟକ ଓ ଡ. ମିହିର ତ୍ରିପାଠୀ ପ୍ରମୁଖ ସେମାନଙ୍କ ବିଶ୍ୱବିଦ୍ୟାଳୟ ପ୍ରତି ଥିବା ଅବଦାନ ଉପରେ କହିଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ ଅବସର ପରେ ଖାଲି ପଡୁଥିବା ପଦବୀରେ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତ କରିବାକୁ କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଉପସ୍ଥିତ ଥିଲେ। ସଭାକୁ କଲ୍ୟାଣ ଅଧିକାରୀ ଡ. ଶଙ୍କର ମାଝୀ ପରିଚାଳନା କରିଥିଲେ।

# ପ୍ରାଣୀ ବିଜ୍ଞାନ ବିଭାଗ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ

ବ୍ରହ୍ମପୁର,୩୦।୩(ତନୁଶ୍ରୀ ନାହକ)

ବ୍ରହ୍ମପୁର ବିଶବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ ଶୁକ୍ରବାର ପୁରାତନ ଛାତ୍ର ସଂସଦର ୨୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ବିଭାଗର ଉନ୍ନତି ଦିଗରେ ପୁରାତନ ଛାତ୍ର ସଂସଦର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଂସଦର ସଭାପତି ତଥା ବିଭାଗର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ରମେଶ ଚନ୍ଦ୍ର ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା, ଶୃଙ୍ଖଳା, ସମୟାନୁବର୍ତ୍ତିତା, ଗବେଷଣା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ଡ଼. ପ୍ରସନ୍ନ କୁମାର ଦିକ୍ଷୀତ ଅଧ୍ୟକ୍ଷତା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସେମିନାର ସମ୍ପାଦକ ନିର୍ମାଲ୍ୟ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ସୋମନାଥ ମୁଦୁଲିଙ୍କୁ ଗୋପୀନାଥ ସାହୁ ମେମୋରିଆଲ ସ୍ୱର୍ଣ୍ଣ ପଦକ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଅଂଶୀତା ପଣ୍ଡାଙ୍କୁ ନଳିନୀକାନ୍ତ ସାହୁ ମେମୋରିଆଲ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ୧୦ ଛାତ୍ରୀଛାତ୍ରଙ୍କୁ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ୨ ସେବା ନିବୃତ୍ତ ପୁରାତନ ଛାତ୍ର ଡ଼. ଭବାନୀ ଶଙ୍କର ଜେନା, ରଜନୀକାନ୍ତ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୬୦ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଶ୍ୱଜିତ ସାହୁ ଧନ୍ୟବାଦ ଦେଇଥିଲେ। ଡ଼. ସାରଥୀ ଗନ୍ତାୟତ, ଡ଼. ହିମାଂଶୁ ମିଶ୍ର, ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ, ପ୍ରଫେସର ସୁବାସିନୀ ପଟ୍ଟନାୟକ, ପ୍ରଫେସର ଗୀତାଞ୍ଜଳି ମିଶ୍ର, ଡ଼. ସୁରେନ୍ଦ୍ର ନାଥ ପାଢ଼ୀ, ଡ଼. ଉଷାରାଣୀ ବ୍ରହ୍ମା, ଡ଼. ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଚକ୍ରଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ଅଧ୍ୟାପକ ଡ଼. ତପନ କୁମାର ବାରିକ, ଡ଼. ଜୟ କିଶୋର ସେଠ, ଡ଼.ସନ୍ଦୀପ କୁମାର ଦାଶ, ଡ଼.ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ ଛାତ୍ରୀଛାତ୍ର, ଗବେଷକ, ଗବେଷିକା, କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

### ସାର୍ଥକଙ୍କୁ 'ଗଞ୍ଜାମ ଶ୍ରୀ' ଟାଇଟଲ

ବ୍ରହ୍ମପୁର,୩୦।୩(ତନୁଶ୍ରୀ ନାହାକ)

ଗଞ୍ଜାମ ଜିଲା ଆମେଚୋର ବଡି ବିଲ୍ଡିଂ ସଂଘ ପକ୍ଷରୁ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ସାର୍ଥକ ମହାନ୍ତି 'ଗଞ୍ଜାମ ଶ୍ରୀ ୨୦୨୪' ଟାଇଟଲର ଅଧିକାରୀ ହୋଇଛନ୍ତି। ଜିଲାର ୧୨୩ ପ୍ରତିଯୋଗୀ ସୁନ୍ଦର ସ୍ୱାସ୍ଥ୍ୟ ଓ ମେନ୍ସ ଫିଜିକ ବର୍ଗରେ ଅଂଶଗ୍ରହଣ କରିଥିଲେ। ସଂଘ ସମ୍ପାଦକ ରାଜେଶ ବାବୁ ଆଚାରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସୁନ୍ଦର ସ୍ୱାସ୍ଥ୍ୟ କ୍ରୀଡାବିତ ଗିରିଜା ଶଙ୍କର ନାୟକ, ଅନ୍ତର୍ଜାତୀୟ ସୁନ୍ଦରସ୍ୱାସ୍ଥ୍ୟ ବିଚାରକ ପୂର୍ଣ୍ଣଚନ୍ଦ୍ର ନାୟକ, ଜାତୀୟ ବିଚାରକ ସୋମନାଥ ନନ୍ଦ, ଉମାଚରଣ ଶତପଥୀ, ଭେନୁଗୋପାଳ ରାଓ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ଅତିଥିମାନଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀ।

୫୫ କେଜି ବର୍ଗରେ ବି.ରାଜୁ, ମାଧବ ନାୟକ, ଶେଖ ଅଲାମସ, ୬୦ କେଜି ବର୍ଗରେ ନାରାୟଣ ନାୟକ, ଲିପୁ ବେହେରା, ଆଶିଷ କୁମାର ପଟ୍ଟନାୟକ, ୬୫ କେଜି ବର୍ଗରେ ରାହୁଲ କୁମାର ନାୟକ, ଅନ୍ତର୍ଯ୍ୟାମୀ ବେହେରା, ଶ୍ରୁଶାନ୍ତ କୁମାର ବେହେରା, ୭୦ କେଜି ବର୍ଗରେ ସତ୍ୟ ନାରାୟଣ ସାହୁ, କେ.ଶଙ୍କର ଦାସ, ଗଣେଶ ପାଣିଗ୍ରାହୀ, ୭୫ କେଜି ବର୍ଗରେ ପରେଶ କୁମାର ବାରିକ, ଅଜିତ କୁମାର ଦଳାଇ, ୮୦ କେଜି ବର୍ଗରେ ଅର୍ଣ୍ଣବ ଜେସୁଆଲ ସାହୁ, ଗୌରବ ବିଶୋଇ, ସୟଦ ସକିନ ହୁସେନ, ୮୫ କେଜି ବର୍ଗରେ ଆର ରାଜେଶ କୁମାର ଆଚାରୀ, ଦିନେଶ କୁମାର ସାହୁ, ରାକେଶ କୁମାର ଜେନା, ୯୦ କେଜି ବର୍ଗରେ ସାର୍ଥକ ମହାନ୍ତି, କାହ୍ନୁ ସାହୁ, ସେହିପରି ୪୦ ରୁ ୫୦ ବର୍ଷ ମାଷ୍ଟର୍ସ ବର୍ଗରେ ରାଜେଶ କୁମାର ଆଚାରୀ, କବିରାଜ ସେଠୀ, ମନୋଜ କୁମାର ନାୟକ, ୫୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଶିବନାରାୟଣ ଦାସ, ଏଲ. ଲୋକନାଥ, ଲକ୍ଷ୍ମୀନାରାୟଣ ଦେବ, କନିଷ୍ଠ ବର୍ଗରେ ଲିପୁ ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଜଗନ୍ନାଥ ପ୍ରଧାନ, ମେନ୍ସ ଫିଜିକ ବର୍ଗରେ ଦିଲୀପ ମିଶ୍ର, ନାରାୟଣ ବିଶୋଇ, ଦୀନେଶ କୁମାର ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ଏକଛତ୍ରବାଦ ଶାସନ ଜାରିରଖିଛି କେନ୍ଦ୍ର

ବ୍ରହ୍ମପୁର,୩୦।୩(ସ୍ମୃତି ରଞ୍ଜନ ମହାଲିକ)

## ସିପିଆଇ, ଆପ୍ ଓ କଂଗ୍ରେସର ମିଳିତ ସଭା

ବେକାରୀ, ଦରବୃଦ୍ଧି, ଚାଷୀ ଆତ୍ମହତ୍ୟା ଓ ସରକାରୀ ସମ୍ପଦ ଲୁଟ୍ ଭଳି ସମସ୍ୟା ସମାଧାନ ଦିଗରେ ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ବିଫଳ ହୋଇଛି। ଶନିବାର ନୂଆ ବସଷ୍ଟାଣ୍ଡଠାରେ ସିପିଆଇ, ଆପ ଓ କଂଗ୍ରେସର ମିଳିତ ସଭାରେ ଏନେଇ ମତ ପ୍ରକାଶ ପାଇଛି। ସଭାରେ ସିପିଆଇଏମ ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ନେତା ଆଶିଷ କାନୁନଗୋ, କଂଗ୍ରେସ ନେତା ଦୀପକ ପଟ୍ଟନାୟକ, ଆପ ନେତା ଆଦିତ୍ୟ ରଥ, ସିପିଆଇ ନେତା ପ୍ରଦୀପ ସେଠୀ ଓ ସିପିଆଇଏମ ନେତା ହରିକୃଷ୍ଣ ରେଡି ପ୍ରମୁଖ ଯୋଗ ଦେଇଥିଲେ। ସଭାରେ କୁହାଯାଇଥିଲା ଯେ, ଧର୍ମ ନାମରେ ରାଜନୀତି କରି ପୁଣି କ୍ଷମତାକୁ ଆସିବା ପାଇଁ ଯୋଜନା ବିଫଳ ହେବା ଆଶଙ୍କା କରି ବିରୋଧୀଙ୍କ ଉପରେ କେନ୍ଦ୍ର ସରକାର ଆକ୍ରମଣ ଆରମ୍ଭ କରିଛି। ନୈତିକତା ଦ୍ୱାହୀ ଦେଇ କ୍ଷମତାକୁ ଆସିଥିବା ମୋଦି ବିରୋଧୀ ଦଳ ସରକାରକୁ ଭାଙ୍ଗିବା ଓ ବିରୋଧୀ ଦଳର ପ୍ରମୁଖ ନେତାଙ୍କୁ ପ୍ରଲୋଭନ ଏବଂ ଧମକ ଦେଇ ନିଜ ଦଳକୁ ଆଣିବା ଭଳି ଅନୈତିକ କାର୍ଯ୍ୟ କରିଚାଲିଛନ୍ତି। ଏପରିକି ବିରୋଧୀ ଦଳର ସରକାରଙ୍କୁ ବଦନାମ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରାଯାଉଛି। ଏଥିସହ ବିରୋଧୀ ଦଳର ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବା ପାଇଁ ଇଡି, ସିବିଆଇ ଓ ଆଇଟିକୁ ଲଗାଇ ମିଥ୍ୟା ମୋକଦ୍ଦମା ରୁଜୁ କରାଯାଇଛି ବୋଲି ଅଭିଯୋଗ ହୋଇଛି। ସମ୍ବିଧାନ, ଗଣତନ୍ତ୍ର ଓ ବିଚାର ବିଭାଗକୁ ଉପେକ୍ଷା କରି କ୍ଷମତାସୀନ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରି ଜେଲରେ ଅଟକ ରଖିଛନ୍ତି। ପୁଣି ଥରେ କ୍ଷମତାକୁ ଆସିବା ପାଇଁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଏକଛତ୍ରବାଦ ଶାସନ ଜାରି ରଖିଛନ୍ତି। ଏହାର ଦୃଢ଼ ପ୍ରତିବାଦ କରିବା ସହ ଗଣତନ୍ତ୍ର, ସମ୍ବିଧାନ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ମୋଦି ସରକାରକୁ ପରାସ୍ତ କରିବା ପାଇଁ ସଭାରେ ଆହ୍ୱାନ ଦିଆଯାଇଥିଲା।



ସଭାରେ ଉପସ୍ଥିତ ନେତାଙ୍କ ଉଦ୍‌ବୋଧନ।

